## ସଂକ୍ଷେପରେ

### ସରକାରୀ ଜାଗାରେ ଗୃହ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ତେନ୍ତୁଲିଖୁଣ୍ଟି, ୨।୯ (ଚିଦାନନ୍ଦ ସାହୁ)

ତେନ୍ତୁଲିଖୁଣ୍ଟି ବ୍ଲକ ପୂଜାରିଗୁଡା ଗ୍ରାମର ଜଣେ ବ୍ୟକ୍ତି ସରକାରୀ ଜାଗାରେ ଗୃହ ନିର୍ମାଣ କରୁଥିବା ନେଇ ବିବାଦ ଦେଖା ଦେଇଛି। ପୂଜାରିଗୁଡା ଗ୍ରାମରେ ୨ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ଉକ୍ତ କେନ୍ଦ୍ରକୁ ଲାଗି ରହିଥିବା ଖାଲି ଜାଗାରେ ସମ୍ପୃକ୍ତ ବ୍ୟକ୍ତି ଘର କରୁଥିବାରୁ ଗ୍ରାମବାସୀ ତାହାକୁ ବିରୋଧ କରିଛନ୍ତି। ଉକ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରକାଶ ଯେ, ଉକ୍ତ ଜାଗାରେ ଅଗଷ୍ଟ ୧୫ରେ ସରକାରୀ ଭାବେ ଗଛ ଲଗାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତି ଗଛ ଉପାଡି ଫିଙ୍ଗି ଦେଇ ସେହି ଜାଗାରେ ଘର ତିଆରି କରିବା ପାଇଁ ଗାତ ଖୋଳୁଛନ୍ତି। ଦୁଇ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଏହାକୁ ବାରଣ କରିଥିଲେ ମାତ୍ର ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଏହାକୁ ଶୁଣି ନ ଥିଲେ। ସେହି ଗ୍ରାମର କେତେକ ବ୍ୟକ୍ତି ସରପଞ୍ଚ ଅନାଦି ମାଝି ଘଟଣା ସମ୍ପର୍କରେ ଚିଠି ମାଧ୍ୟମରେ ତହସିଲଦାର, ବିଡିଓଙ୍କୁ ଅବଗତ କରିଛନ୍ତି। ରେକର୍ଡ ନ ଥିବା ଜାଗାରେ କେମିତି ଘର ତିଆରି କରାଯାଉଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି।

### ଅନୁକୂଳ ଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା



ଡାବୁଗାଁ, ୨।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମାସରେ ଭାଦ୍ର ପରିକ୍ରମା ପ୍ରତିଦିନ ଗୁରୁଭାଇଙ୍କ ଘରେ ଅନୁଷ୍ଠିତ ହେଉଛି। ଅଗଷ୍ଟ ମାସ ୧୭ ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି। ଶନିବାର ପ୍ରଫୁଲ୍ଲ ପଟ୍ଟନାୟକଙ୍କ ଘରେ ଭାଦ୍ର ପରିକ୍ରମାର ସତସଙ୍ଗ କରାଯାଇଛି। କମଳାକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଜାଜକ ଗିରିଧାରୀ ସାହୁ, ପ୍ରଶାନ୍ତ ପାତ୍ର, ପଙ୍କଜ ମହାନ୍ତି ଓ ବିବେକାନନ୍ଦ ବାରିକଙ୍କ ସହ ଡାବୁଗାଁ ସଦରର ଶ୍ରଦ୍ଧାଳୁ ଭାଇ ଓ ମାଆମାନେ ଉପସ୍ଥିତ ଥିଲେ। ପ୍ରଭାତ ଭାଇଙ୍କ କୀର୍ତ୍ତନ ଓ କମଳା ଭାଇଙ୍କ ଭଜନ ସମସ୍ତଙ୍କ ମନ ଛୁଇଁ ଥିଲା। ବନ୍ଦେ ପୁରୁଷୋତ୍ତମ ଧ୍ୱନିରେ ଅଞ୍ଚଳ ମୁଖରିତ ହୋଇ ଥିବାବେଳେ ପ୍ରଣାମ ନିବେଦନ ପରେ ସତସଙ୍ଗ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

### ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଠପ୍
#### ସମୂହ ଛୁଟିରେ ପିଇଓ, ଯୋଗାଣ ସହାୟକ

ତେନ୍ତୁଲିଖୁଣ୍ଟି, ୨।୯ (ଚିଦାନନ୍ଦ ସାହୁ)

ରାଜ୍ୟ ପିଇଓ ସଂଘ ଆହ୍ୱାନରେ ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ କାର୍ଯ୍ୟରତ ସମସ୍ତ ୬ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗତ ୧୭ରୁ ସମୂହ ଛୁଟିରେ ଯାଇଛନ୍ତି। ଏଣେ ଯୋଗାଣ ସହାୟକ ମଧ୍ୟ ନିୟମିତ କର୍ମଚାରୀ ମାନ୍ୟତା, ଦରମା ହାର ବୃଦ୍ଧି ଓ ଲାଇସେନ୍ସ ପ୍ରଦାନ ଦାବିରେ ୨୯ ଅଗଷ୍ଟରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି। ଫଳରେ ପଞ୍ଚାୟତ କାର୍ଯ୍ୟାଳୟ ପରିଚାଳନାରେ ବାଧା ସୃଷ୍ଟି ହେଉଛି। ଉନ୍ନୟନ କାର୍ଯ୍ୟ ଏକ ପ୍ରକାର ଠପ୍। ଏପଟେ ଯୋଗାଣ ସହାୟକମାନେ ମଧ୍ୟ ଆନ୍ଦୋଳନରେ ଥିବାବେଳେ ଖାଦ୍ୟ ସୁରକ୍ଷା ଯୋଜନାର ନୂଆ ଷ୍ଟକ୍ କିଏ ଗ୍ରହଣ କରିବ ତାକୁ ନେଇ ହିତାଧିକାରୀ ଦ୍ୱନ୍ଦ୍ୱରେ। ପିଇଓମାନେ ସରକାରଙ୍କ ନିକଟରେ ପୂର୍ବରୁ କରିଥିବା ଦାବିଗୁଡ଼ିକ ଏଯାବତ୍ କାର୍ଯ୍ୟକାରୀ ନ ହେବାରୁ ସେମାନେ ଛୁଟିରେ ଅଛନ୍ତି। ପିଇଓଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ସ୍ନାତକ କରିବା, ପେ ଲେଭଲ ୫ର ୨୧,୭୦୦ରୁ ପେ ଲେଭଲ ୯ର ୩୫,୪୦୦ ମଞ୍ଜୁର, ୧୦ ବର୍ଷରୁ ଊର୍ଦ୍ଧ୍ୱ ଚାକିରି କ୍ଷେତ୍ରରେ ନିୟୋଜିତ ଥିବା ପିଇଓଙ୍କ ପାଇଁ ସ୍ୱତନ୍ତ୍ର ପଦବୀ ସୃଷ୍ଟିକରି ସେମାନଙ୍କୁ ଅବସ୍ଥାପିତ କରିବା, ଜିପିଇଓ ପଦବୀକୁ ଶତ ପ୍ରତିଶତ ପଦୋନ୍ନତି କରିବା ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରଚଳିତ କ୍ୟାଡର ରୁଲ୍‌ରେ ଅନ୍ତର୍ଭୁକ୍ତ କରିବା ସେମାନଙ୍କ ଦାବି ରହିଛି। ଏହି ଦାବି ପୂରଣ ଦିଗରେ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ପିଇଓ ସଂଘ ସମୂହ ଛୁଟିରେ ଯାଇଥିବାବେଳେ ବିଭିନ୍ନ ଭତ୍ତା ଯୋଜନାର ମାସିକ ରିପୋର୍ଟ କିଏ ଦେବ, କିଏ ଭତ୍ତା ପ୍ରଦାନ କରିବ ତାହାକୁ ନେଇ ଚିନ୍ତାରେ ହିତାଧିକାରୀ।

# ଥଇଥାନ ଦାବିରେ ଜାତୀୟ ରାଜପଥ ଅବରୋଧ

**ଫୁଟ୍‌ପାଥ ଦୋକାନୀଙ୍କ ରାସ୍ତା ଅବରୋଧ ଯୋଗୁ ଯାତାୟାତ ବାଧାପ୍ରାପ୍ତ**

ପାପଡ଼ାହାଣ୍ଡି, ୨।୯, (ସ୍ୱପ୍ନଜିତ ପଟ୍ଟନାୟକ)



ଫୁଟ୍‌ପାଥ ଦୋକାନୀମାନେ ରାସ୍ତା ଅବରୋଧ କରିଛନ୍ତି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିର ଫୁଟ୍‌ପାଥର ଉଠାଦୋକାନୀ ଥଇଥାନ ଦାବି କରି ଶନିବାର ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ବସ୍‌ଷ୍ଟାଣ୍ଡ ଛକରେ ଜାତୀୟ ରାଜପଥ ଅବରୋଧ ଯୋଗୁ ଦୁଇ ପାର୍ଶ୍ୱରେ ଅନେକ ଗାଡି ଅଟକି ଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ରାସ୍ତା ଅବରୋଧ ହଟାଇଛି।

ଶୁକ୍ରବାର ଜିଲାପାଳଙ୍କ ନିର୍ଦ୍ଦେଶରେ ପାପଡ଼ାହାଣ୍ଡି ମାଜିଷ୍ଟ୍ରେଟ ତଥା ତହସିଲଦାର ଯୋଗେଶ୍ୱର ଭୋଇଙ୍କ ଉପସ୍ଥିତିରେ ଫୁଟ୍‌ପାଥର ଉଠାଦୋକାନୀ ଓ ଫୁଟପାଥ ଅବରୋଧ କରିଥିବା ଦୋକାନଗୁଡ଼ିକୁ ଉଠା ଯାଇଥିଲା। ଫୁଟ୍‌ପାଥ ବେପାରୀ ଏହାକୁ ବିରୋଧ କରିଥିଲେ। ଉଠା ଦୋକାନୀଙ୍କ ଥଇଥାନ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଥିଲେ। ତହସିଲଦାର ଦୈନନ୍ଦିନ ବଜାରକୁ ଯିବାକୁ କହିଥିଲେ। ଦୈନନ୍ଦିନ ବଜାର ରାସ୍ତା ବର୍ଷା ଦିନରେ କାଦୁଅ ହୋଇ ରହୁଛି। ସେଠାରେ ପାନୀୟ ଜଳ, ବିଦ୍ୟୁତ୍ ଆଦିର ବ୍ୟବସ୍ଥା ଓ ପିଣ୍ଡିରେ ସେଡ୍ ନଥିବା ଅଭିଯୋଗ କରି ଶନିବାର ଦୋକାନୀମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଜାତୀୟ ରାଜପଥ ଅବରୋଧ ଯୋଗୁ ଦୁଇ ପାର୍ଶ୍ୱରେ ଅନେକ ଗାଡି ଅଟକି ରହିଥିଲା। ସ୍ଥାନୀୟ ଏସଡିପିଓ ଆଦିତ୍ୟ ସେନ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା। ଦୋକାନୀମାନେ ଦୈନନ୍ଦିନ ବଜାର ସମସ୍ୟା ନେଇ ବିଡିଓ ନିକଟକୁ ଯାଇଥିଲେ। ଏଡିଏମ୍ ମହେଶ୍ୱର ଚନ୍ଦ୍ର ନାୟକ, ତହସିଲଦାର ଯୋଗେଶ୍ୱର ଭୋଇ, ବିଡିଓ ଦିବାକର ବାଘ ଦୈନନ୍ଦିନ ବଜାର ନିକଟରେ ପହଞ୍ଚି ବେପାରୀଙ୍କ ଅଭିଯୋଗ ଶୁଣିଥିଲେ। ସପ୍ତାହ ମଧ୍ୟରେ ବଜାର ପିଣ୍ଡି ସଜଡା ଯିବା ସହ ବିଦ୍ୟୁତ୍ ଓ ପାନୀୟ ଜଳ ବ୍ୟବସ୍ଥା କରାଯିବ ବୋଲି ଏଡିଏମ୍ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବଜାର ରାସ୍ତା କାମ ଜାରି ରହିଛି ବୋଲି ସେ କହିଛନ୍ତି।

## ଡେଙ୍ଗୁରେ ଯୁବକ ମୃତ

ଉମରକୋଟ,୨।୯ (ସନ୍ତୋଷ ଶତପଥୀ)



ଡେଙ୍ଗୁରେ ନବରଙ୍ଗପୁର ଜିଲା ଉମରକୋଟ ସହର ନିକଟ ଅଧିକାରୀଗୁଡ଼ା ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହୀମେନ୍ଦ୍ର ଶେଖର ଘୋଷ (୩୪)। ହିମେନ୍ଦ୍ର ୨୫ ତାରିଖ ଭୋରରୁ ଗ୍ରାମର କେତେଜଣଙ୍କ ସହ ଝାଡ଼ଖଣ୍ଡରୁ ଘରକୁ ଫେରିଥିଲେ। ସେହିଦିନ ରାତିରେ ହିମେନ୍ଦ୍ରଙ୍କର ଜର ହୋଇଥିଲା। ୨୬ ତାରିଖ ଦିନ ଉମରକୋଟ ବେସରକାରୀ କ୍ଲିନିକରେ ରକ୍ତ ପରୀକ୍ଷା କରିବାରୁ ତାଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡ଼ିଥିଲା। ସେଠାରୁ ନିକଟସ୍ଥ ପୂଜାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ଡାକ୍ତର ପତିତପାବନ ଦ୍ୱିବେଦୀ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଟେଷ୍ଟ କରାଇବାକୁ ପରିବାର ଲୋକଙ୍କୁ କହିଥିଲେ। କିନ୍ତୁ ସେମାନେ ନବରଙ୍ଗପୁର ନ ଯାଇ ଆନ୍ଧ୍ରର ଏକ ଘରୋଇ ମେଡିକାଲ କୁ ଯାଇଥିଲେ। ୨୭ ତାରିଖ ଦିନ ଘରେ ରହି ହିମେନ୍ଦ୍ର ଚିକିତ୍ସା ପାଇଁ ୨୮ରେ ବିଶାଖାପାଟଣା ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ପୁଣି ରକ୍ତ ଓ ଅନ୍ୟ ପରୀକ୍ଷା କରିବା ପରେ ୩୦ ତାରିଖ ଦିନ ସମସ୍ତ ରିପୋର୍ଟ ଆସିଥିଲା। ତାଙ୍କୁ ଡେଙ୍ଗୁ ହେଇଥିବା ଜଣା ପଡିଥିଲା। ସେତେବେଳକୁ ହିମେନ୍ଦ୍ରଙ୍କ ରକ୍ତ ପ୍ଲେଟ୍‌ଲେଟ ବହୁତ କମି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ସମ୍ପର୍କୀୟ ଓ ପରିବାର ଏୟାର ଆମ୍ବୁଲାନ୍ସ ଯୋଗେ ମୁମ୍ବାଇ ନେବା ପାଇଁ ପ୍ରସ୍ତୁତି କରୁ ଥିବାବେଳେ ହଠାତ ଶୁକ୍ରବାର ରାତି ପ୍ରାୟ ୧୨ ଟାରେ ହିମେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ଶନିବାର ଦିନ ୨ଟାରେ ହିମେନ୍ଦ୍ରଙ୍କ ମୃତଦେହ ଅଧିକାରୀଗୁଡ଼ାରେ ପହଞ୍ଚି ଥିଲା। ଗାଁରେ ଶକାକୁଳ ପରିବେଶରେ ତାଙ୍କ ଶେଷକୃତ କରାଯାଇଛି। ଜଣେ ମେଳାପି ଓ ପୋରୋପକାରୀ ବ୍ୟକ୍ତି ଭାବରେ ହିମେନ୍ଦ୍ରଙ୍କ ଗାଁରେ ସୁନାମ ରହିଥିଲା। ତାଙ୍କର ସ୍ତ୍ରୀ ଓ ୮, ୪ବର୍ଷର ୨ ଝିଅ ଅଛନ୍ତି। ହିମେନ୍ଦ୍ର ଅଧିକାରୀଗୁଡ଼ା ଗ୍ରାମରେ ଏକ ତେଜରାତି ଦୋକାନ କରି ପରିବାର ପୋଷଣ କରୁଥିଲେ। ତାଙ୍କର ମୃତ୍ୟୁଖବର ଶୁଣିବାପରେ ଅଧିକାରୀଗୁଡ଼ାସ୍ଥିତ ସମସ୍ତ ବ୍ୟବସାୟିକ ଅନୁଷ୍ଠାନ ବନ୍ଦ କରାଯାଇଛି। ତେବେ ଉମରକୋଟ ଅଞ୍ଚଳରେ ଡେଙ୍ଗୁରେ ଏହା ପ୍ରଥମ ମୃତ୍ୟୁ ବୋଲି ଜଣାପଡ଼ିଛି। ସିଡିଏମ୍‌ଓ କାଳୀପ୍ରସାଦ ବେହେରାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କୌଣସି ଖବର ନାହିଁ ବୋଲି ସେ କହିଛନ୍ତି। ଜିଲାରେ ଡେଙ୍ଗୁର ପ୍ରଭାବ ନାହିଁ। ଯଦି ଡେଙ୍ଗୁ ମୃତ୍ୟୁ ହୋଇଛି ତେବେ ତାଙ୍କର ସମସ୍ତ ରିପୋର୍ଟକୁ ଆଧାର କରି ତଦନ୍ତ କରାଯିବ। ତଦନ୍ତ ରିପୋର୍ଟ ଆସିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## କଲେଜରେ 'ବାୟୁ ସେନା' ନିଯୁକ୍ତି ପରାମର୍ଶ ଶିବିର

ନବରଙ୍ଗପୁର,୨।୯ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ମହାବିଦ୍ୟାଳୟରେ ଭାରତୀୟ ବାୟୁ ସେନା ପାଇଁ ନିଯୁକ୍ତି ପରାମର୍ଶ ଶିବିର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଭାସ୍କର ନାଥ ବିଶ୍ୱାଳ ପ୍ରଥମେ ଜିଲା ନିଯୁକ୍ତି ଅଧିକାରୀ ଓ ବାୟୁସେନା ଅଧିକାରୀମାନଙ୍କୁ ସ୍ୱାଗତ କରିବା ସହ ଛାତ୍ରୀଛାତ୍ରଙ୍କୁ ବାୟୁସେନା ନିଯୁକ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ବାୟୁସେନା ନିଯୁକ୍ତି ଅଧିକାରୀ ଦିପେଶ ପାଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ବାୟୁସେନା ପ୍ରତିରକ୍ଷା ସେବା, ବୃତ୍ତଚିତ୍ର ମାଧ୍ୟମରେ ବାୟୁସେନା ନିଯୁକ୍ତି ଯୋଗ୍ୟତା ମାନଦଣ୍ଡ, ଚୟନ ପ୍ରକ୍ରିୟା ଓ ସୁବିଧା ସୁଯୋଗ ସମ୍ପର୍କରେ ସେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବାୟୁ ସେନାର ଅନ୍ୟତମ ଅଧିକାରୀ ଦୀପକ କୁମାର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। 'ଅଗ୍ନିବାୟୁ' ଯୋଜନାରେ ନିଯୁକ୍ତିର ଆବେଦନ ପ୍ରକ୍ରିୟା ସମ୍ପର୍କରେ ସେ ଆଲୋଚନା କରିଥିଲେ। ଜିଲା ନିଯୁକ୍ତି ଅଧିକାରୀ ଛାତ୍ରୀଛାତ୍ରଙ୍କୁ ବାୟୁସେନା ନିଯୁକ୍ତି ପ୍ରକ୍ରିୟାରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ଏହାପରେ ଅଧିକାରୀଙ୍କ ସହିତ ଛାତ୍ରୀଛାତ୍ରଙ୍କ ବାୟୁସେନା ନିଯୁକ୍ତି ଉପରେ ଏକ ପ୍ରତିଯୋଗିତାମୂଳକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବିଜେତା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରଦୀପ୍ତ ଦାସ ସଂଯୋଜନା କରିଥିଲେ। ପଦାର୍ଥ ବିଜ୍ଞାନର ଅଧ୍ୟାପକ ଆଲୋକ କୁମାର ଦାସ ଉପସ୍ଥିତ ସମସ୍ତ ଅଧିକାରୀ ଓ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଦେଇଥିଲେ।



ବାୟୁସେନା ଅଧିକାରୀଙ୍କ ସହ କଲେଜ ଅଧ୍ୟାପକ, ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ଫସଲରେ ରୋଗପୋକ ନିୟନ୍ତ୍ରଣ ନେଇ ଚିନ୍ତାରେ ଚାଷୀ

**ଧାରଣାରେ କୃଷି ଅଧିକାରୀ, ବନ୍ଦ ରହିଛି ଇ-ରୋଗ ପୋକ ନିୟନ୍ତ୍ରଣ ସେଲ୍**

ତେନ୍ତୁଲିଖୁଣ୍ଟି, ୨।୯ (ଚିଦାନନ୍ଦ ସାହୁ)

ଓଡ଼ିଶା କୃଷି ସେବା ସଂଘ ଖାଲିଥିବା ପଦବୀ ପୂରଣ, ପଦବୀ ଅନୁସାରେ ଦରମା ହାର ନିର୍ଦ୍ଧାରଣ ଆଦି ଦାବି ପୂରଣ ନ ହେବାରୁ ୩୧ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ସଭାପତି ଜି. ଭେଙ୍କଟ ରେଡ୍ଡୀ, ସମ୍ପାଦକ ସୌମ୍ୟରଞ୍ଜନ ପାତ୍ର, କୋଷାଧ୍ୟକ୍ଷ ଅମିତ କୁମାର ମଲ୍ଲିକଙ୍କ ସମେତ ଜିଲା କୃଷି ସେବା ସଂଘର ସମସ୍ତ ସଦସ୍ୟ ଆନ୍ଦୋଳନରେ ସାମିଲ ଅଛନ୍ତି। ବ୍ଲକ ଓ ଜିଲାସ୍ତରୀୟ କୃଷି ଅଧିକାରୀଙ୍କ ଆନ୍ଦୋଳନ ଯୋଗୁ ଇ-ରୋଗ ପୋକ ନିୟନ୍ତ୍ରଣ ସେଲ୍ ଏକ ପ୍ରକାର ବନ୍ଦ ହୋଇଯାଇଛି। କମ୍ ବୃଷ୍ଟିପାତ ଯୋଗୁ କଷ୍ଟେମଷ୍ଟେ ଖରିଫ ଚାଷ କରିଥିବାବେଳେ ଏବେ ଇ-ରୋଗ ପୋକ ନିୟନ୍ତ୍ରଣ ସେଲ୍ ବନ୍ଦ ଯୋଗୁ ଚାଷୀଙ୍କ ସମସ୍ୟା ବଢ଼ିଯାଇଛି। ଚାଷୀ ବିଭିନ୍ନ ଯୋଜନାରେ ଅର୍ଥ ପାଇବାରୁ ବଞ୍ଚିତ। କାରଣ ଏସବୁ କୃଷି ଅଧିକାରୀଙ୍କ ନିୟନ୍ତ୍ରଣରେ ଥିବାରୁ ତାହା ମଧ୍ୟ ବନ୍ଦ ହୋଇଯାଇଛି। ଚାଷୀଙ୍କୁ ମିଲେଟ ମିଶନ, ମକା ମିଶନ ଆଦିରେ ସାମିଲ କରାଯାଇଥିବାବେଳେ କୃଷି ଅଧିକାରୀଙ୍କ ଆନ୍ଦୋଳନ ଯୋଗୁ ମିଶନ ପ୍ରଭାବିତ ହେବା ଆଶଙ୍କା ରହିଛି। ଉଲ୍ଲେଖଯୋଗ୍ୟ, ରାଷ୍ଟ୍ରୀୟ କୃଷି ବିସ୍ତାର ପ୍ରବନ୍ଧ ସଂସ୍ଥାନ ପକ୍ଷରୁ ଗଠିତ କମିଟି କ୍ୟାଡର ପୁନର୍ବିନ୍ୟାସ ପାଇଁ ସୁପାରିସ ୨୦୨୧ ଜୁଲାଇ ୧୪ରେ ଦେଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ ସରକାର କିଛି ପଦକ୍ଷେପ ନେଇନାହାନ୍ତି। ୨ବର୍ଷ ହେବ ବାରମ୍ବାର ଦାବି ସତ୍ତ୍ୱେ କିଛି ପଦକ୍ଷେପ ନିଆ ଯାଉ ନ ଥିବାରୁ କୃଷି ସେବାସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଏହାଦ୍ୱାରା କୃଷିଭିତ୍ତିକ ଯୋଜନା କାଳିଆ, ବଳରାମ, ଓଡ଼ିଶା ଯାନ୍ତ୍ରିକ କୃଷି, ଡିଜିଟାଲ କୃଷି, ଅର୍ଥକରୀ ଫସଲ ମିଶନ, ମିଲେଟ ମିଶନ, ପ୍ରତିକୂଳ ଜଳବାୟୁ ଯୋଗୁ କୃଷି ଆଦି ବାଧିତ ହେବା ଆରମ୍ଭ ହେଲାଣି। କୃଷି ଅଧିକାରୀ ଆନ୍ଦୋଳନ ଦୀର୍ଘ ଦିନ ପର୍ଯ୍ୟନ୍ତ ଚାଲିଲେ ଚାଷୀ ବହୁଳଭାବେ ପ୍ରଭାବିତ ହେବା ଆଶଙ୍କା ରହିଛି।

## ମକା ଫସଲ ନଷ୍ଟ କରୁଛନ୍ତି ଛତିଶଗଡ଼ ହାତୀପଲ



ହାତୀମାନେ ନଷ୍ଟ କରିଥିବା ମକା କ୍ଷେତ।

ରାଇଘର, ୨।୯ (କିରଣ ପଟ୍ଟନାୟକ)

ଛତିଶଗଡ଼ରୁ ହାତୀପଲ ଓଡ଼ିଶା ସୀମାନ୍ତରେ ପ୍ରବେଶ କରିବା ସହ ଏକର ଏକର ମକା ଫସଲ ନଷ୍ଟ କରିବା ଆରମ୍ଭ କରିଛି। ଶନିବାର କୁନ୍ଦେଇ ବନ ବିଭାଗ ହାତୀ ପ୍ରବେଶ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛି।

ଗତ ୨ ଦିନ ପୂର୍ବରୁ ଛତିଶଗଡ଼ ଅନ୍ତର୍ଗତ ଖଲାରୀ ଜଙ୍ଗଲରେ ଏହି ହାତୀପଲଙ୍କ ଚଳପ୍ରଚଳ ରହିଥିଲା। କିନ୍ତୁ ହାତୀପଲ ରାତିଠାରୁ ଓଡ଼ିଶା ସୀମାନ୍ତରେ ପ୍ରବେଶ କରିବା ଆରମ୍ଭ କରିଛି। ପ୍ରଥମ ଦିନରେ ଓଡ଼ିଶା ସୀମାନ୍ତ ଜଙ୍ଗଲରେ ଚଳପ୍ରଚଳ କରି କୁନ୍ଦେଇର ସମ୍ବଲପୁର ଅଞ୍ଚଳରେ ପଶି ପ୍ରାୟ ୧୦ରୁ ୧୫ ଏକର ମକା ଫସଲ ନଷ୍ଟ କରିଥିବା ଜଣାପଡିଛି। ଶୁକ୍ରବାର ରାତିରେ ଭୁରୁଖାମହୁଲି ଅଞ୍ଚଳରେ ୩୦ରୁ ଊର୍ଦ୍ଧ୍ୱ ହାତୀ ପ୍ରବେଶ କରି ମକା ଫସଲ ନଷ୍ଟ କରିଥିବା ସୂଚନା ମିଳିଛି। ସେମରଡିହି ଅଞ୍ଚଳରୁ ଆରମ୍ଭକରି ସମ୍ବଲପୁର ପର୍ଯ୍ୟନ୍ତ ପ୍ରାୟ ୩ରୁ ୪ କି.ମି. ପରିସରରେ ଏହି ହାତୀପଲ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ପ୍ରତିଦିନ ଏହି ହାତୀପଲ ଅପରାହ୍ନ ୩ଟାରୁ ଛତିଶଗଡ ଜଙ୍ଗଲରୁ ଓଡ଼ିଶା ଅଭିମୁଖେ ବାହାରିଥାଆନ୍ତି। ରାତିରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ମକା ଫସଲ ଖାଇବା ଉଦ୍ଦେଶ୍ୟରେ ଘୂରି ବୁଲନ୍ତି। ରାତି ସାରା ଓଡ଼ିଶାରେ ରହି ଭୋର ୪ଟାରେ ପୁଣି ଥରେ ଛତିଶଗଡ଼ ଜଙ୍ଗଲକୁ ଫେରିଯାଆନ୍ତି ବୋଲି ଅଞ୍ଚଳବାସୀ କହିଛନ୍ତି।

## ହିତାଧିକାରୀଙ୍କୁ ଆବାସ ଗୃହ କାମ ଇନ୍‌ସେନ୍‌ଟିଭ ନ ମିଳିବା ଆଶଙ୍କା

ନନ୍ଦାହାଣ୍ଡି, ୨।୯ (ପ୍ରତୀପ କୁମାର ଦାଶ)

**୧୫ ଦିନରେ ପିଇଓଙ୍କ ଆନ୍ଦୋଳନ**

ରାଜ୍ୟବ୍ୟାପୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କ ଆନ୍ଦୋଳନ ୧୫ ଦିନ ହେବ ଚାଲିଛି। ନବରଙ୍ଗପୁର ଜିଲାସ୍ତରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଅନଶନରେ ସମସ୍ତ ପିଇଓ ବସିଛନ୍ତି। ପଞ୍ଚାୟତର ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ଯଥା ଚାଉଳ ବଣ୍ଟନ, ପେନସନ, ହରିଶ୍ଚନ୍ଦ୍ର ଯୋଜନା, ମୋ ଘର ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଭଳି ବହୁ ଜନକଲ୍ୟାଣ ଯୋଜନା କାର୍ଯ୍ୟ ବାଧା ପାଉଛି। ଏଥିସହ ସ୍ଥାନୀୟ ଲୋକଙ୍କ ଅନେକ ସମସ୍ୟା ସମାଧାନ ହୋଇ ପାରୁନାହିଁ।

ଚଳିତ ବର୍ଷ ଆବାସ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଘର ନିର୍ମାଣ ପାଇଁ ଜିଓଟ୍ୟାଗ କରିବା ଏବଂ ସମସ୍ତ ଦସ୍ତାବିଜ କାମ ପିଇଓଙ୍କ ତତ୍ତ୍ୱାବଧାନରେ ହେବାର ନିୟମ ଥିବାରୁ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କୁ ଅସୁବିଧା ହେଉଛି। ୪ ମାସ ଭିତରେ ଘର କାମ ଶେଷ ହେଲେ ଇନ୍‌ସେନ୍‌ଟିଭ ମିଳିବାର ବ୍ୟବସ୍ଥା ଥିବାବେଳେ କାର୍ଯ୍ୟାଦେଶ ପାଇବାର ୨ ମାସ ବିତି ଯାଇଥିବା ସତ୍ତ୍ୱେ ନନ୍ଦାହାଣ୍ଡି ବ୍ଲକର ଏଗାର ପଞ୍ଚାୟତର ହିତାଧିକାରୀଙ୍କ କାମ ଆଗେଇ ପାରୁନି। ଫଳରେ ସେମାନେ ଇନ୍‌ସେନ୍‌ଟିଭ୍ ପାଇବାରୁ ବଞ୍ଚିତ ହେବାର ଆଶଙ୍କା ରହିଛି। ଅଗଷ୍ଟ ମାସର ଚାଉଳ ଏବଂ ପେନସନ ବଣ୍ଟା ହୋଇଯାଇଥିବାବେଳେ ଅନଶନ ବନ୍ଦ ନ ହେଲେ ସେପ୍ଟେମ୍ବର ମାସର ଚାଉଳ ଏବଂ ପେନସନ ପାଇବାରୁ ଲୋକେ ବଞ୍ଚିତ ହେବେ।

ପ୍ରକାଶ ଯେ, ୧୮ରୁ ରାଜ୍ୟ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଆହ୍ୱାନ କ୍ରମେ ନବରଙ୍ଗପୁର ଜିଲା ପିଇଓ ସଂଘ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବସିଛନ୍ତି। ଏ ନେଇ ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ପିଇଓଙ୍କ ଅନୁପସ୍ଥିତିରେ ଜିଆର୍‌ଏସ ଏବଂ ଅନ୍ୟ କର୍ମଚାରୀଙ୍କ ଜରିଆରେ ସମସ୍ତ କାର୍ଯ୍ୟ ତୁଲାଇବାକୁ ଚେଷ୍ଟା କରାଯାଉଛି। ଆଗାମୀ ଦିନରେ ଆନ୍ଦୋଳନ ସ୍ଥଗିତ ନ ହେଲେ ଉପର ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଚାଉଳ ଏବଂ ପେନସନ କିଭଳି ବଣ୍ଟନ ହେବ ତାହାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

## ଗୁରୁପ୍ରିୟା ନଦୀରୁ ଯୁବକଙ୍କ ମୃତଦେହ ଜବତ

ଚିତ୍ରକୋଣ୍ଡା,୨।୯ (କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଗୁରୁପ୍ରିୟା ନଦୀ ପାର୍ଶ୍ୱରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ମିଳିଛି। ସେ ହେଲେ ଜିତେନ୍ଦ୍ର ଜୈନ(୩୮)। ଘଟଣା ସ୍ଥଳରେ ପାପରମେଟେଲା ପୋଲିସ ଓ ଚିତ୍ରକୋଣ୍ଡା ରାଜସ୍ୱ କର୍ମଚାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତେବେ ଜିତେନ୍ଦ୍ର କୌଣସି କାରଣ ନିମନ୍ତେ ଶୁକ୍ରବାର ସ୍ୱାଭିମାନ ଅଞ୍ଚଳକୁ ଆସିଥିବା ବେଳେ ଗୁରୁପ୍ରିୟା ନଦୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବ୍ୟକ୍ତିଗତ କାରଣରୁ ଗୁରୁପ୍ରିୟା ନଦୀରେ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

## ଅଙ୍ଗନୱାଡି ପିଲାଙ୍କୁ ପୋଷାକ ଯୋଗାଇଲା ଏସ୍‌ଏଚ୍‌ଜି

ନବରଙ୍ଗପୁର, ୨।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଚଚରାଗୁଡା ଓ ଡଙ୍ଗରିଗୁଡ଼ା ପଞ୍ଚାୟତ ଅଧୀନରେ ଥିବା ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଛାତ୍ରୀଛାତ୍ରଙ୍କ ପୋଷାକ ଯୋଗାଇବାକୁ ଶିଶୁ ସମ୍ମନ୍ୱିତ ବିକାଶ ପ୍ରକଳ୍ପ ଅଧିକାରୀ ଏସ୍‌ଏଚ୍‌ଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହିଳାମାନଙ୍କୁ ସଶକ୍ତିକରଣ ନିମନ୍ତେ ଉକ୍ତ କାର୍ଯ୍ୟ ଡାବୁଗାଁ ଜୟନ୍ତୀନଗରର ମାଁ ମହାମାୟୀ ସ୍ୱୟଂ ସହାୟିକା ଦଳ ଉପରେ ନ୍ୟସ୍ତ କରାଯାଇଥିଲା। ଦଳ ସଭାପତି ବବିତା କୁମାରୀ ଜେନା ଓ ସମ୍ପାଦିକା ମମତା ଜେନାଙ୍କ ସହ ୮ଜଣ ସଭ୍ୟା ପୋଷାକ ହସ୍ତାନ୍ତର କରିଛନ୍ତି। ଚଚରାଗୁଡ଼ା ପଞ୍ଚାୟତର ୨୦ ଅଙ୍ଗନୱାଡି କେନ୍ଦ୍ରର ପ୍ରାକ୍ ଛାତ୍ରୀ ୨୪୪ ଜଣ, ଛାତ୍ର ୨୪୫, ଡଙ୍ଗରିଗୁଡ଼ା ପଞ୍ଚାୟତର ୭ ଅଙ୍ଗନବାଡି କେନ୍ଦ୍ରର ଛାତ୍ରୀ ୧୨୬ ଓ ଛାତ୍ର ୧୨୭ ଜଣଙ୍କ ନିମନ୍ତେ ୨ହଳ ଲେଖାଏ ପୋଷାକ କେନ୍ଦ୍ରରେ ପହଞ୍ଚାଇଛନ୍ତି।



ଏସ୍‌ଏଚ୍‌ଜି ମହିଳାମାନେ ଅଙ୍ଗନୱାଡି କର୍ମୀଙ୍କୁ ପୋଷାକ ହସ୍ତାନ୍ତର କରୁଛନ୍ତି।

## ଭୁଶୁଡ଼ିପଡୁଛି ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା

**ନବରଙ୍ଗପୁର କେନ୍ଦ୍ରୀୟ ବିଦ୍ୟାଳୟ**
- ଖାଲି ପଡ଼ିଛି ୧୬ ଶିକ୍ଷକ ପଦବୀ
- ଏକକାଳୀନ ୬ ଶିକ୍ଷକଙ୍କୁ ରାଜ୍ୟ ବାହାରକୁ ବଦଳି

ନବରଙ୍ଗପୁର,୨।୯ (ସଦାଶିବ ପ୍ରହରାଜ)




ନବରଙ୍ଗପୁର କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧ ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ଅଧ୍ୟକ୍ଷ ପଦବୀ ପ୍ରାୟ ୧ ବର୍ଷରୁ ଊର୍ଦ୍ଧ୍ୱ ହେବ ଖାଲି ପଡିଛି। ମୋଟ ୩୨ ଶିକ୍ଷକ ପଦବୀ ମଧ୍ୟରୁ ୧୬ ଟି ଖାଲି ପଡ଼ିଛି। ନିକଟରେ ଏକାଥରକେ ୬ଜଣ ଶିକ୍ଷକଙ୍କର ରାଜ୍ୟ ବାହାରକୁ ବଦଳି ହୋଇଛି। ସେହି ସ୍ଥାନରେ ଜଣଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇନାହିଁ। ଫଳରେ ପ୍ରାଇମେରି ଓ ସେକେଣ୍ଡାରି ପିଲାଙ୍କ ଠିକ୍ ପାଠପଢ଼ା ହୋଇପାରୁନାହିଁ। ଏପରିକି ଦଶମ, ଏକାଦଶ ଓ ଦ୍ୱାଦଶର ବୋର୍ଡ ପରୀକ୍ଷା ରହିଥିବାବେଳେ ପିଲାମାନେ ଉପଯୁକ୍ତ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ଶିକ୍ଷାଦାନ ଠିକ୍ ଭାବେ ହେଉ ନ ଥିବାରୁ ବହୁ ପିଲା ନିୟମିତ ଭାବେ ବିଦ୍ୟାଳୟ ଯାଉନାହାନ୍ତି, ଯାହାକି ଚିନ୍ତାର ବିଷୟ ହୋଇଛି। ଶିକ୍ଷକ ଅଭାବ ଯୋଗୁ ବିଭିନ୍ନ ପାଠ୍ୟକ୍ରମ ଅନୁଯାୟୀ ଠିକ୍ ଭାବରେ ପାଠପଢା ହୋଇପାରୁନାହିଁ। କେତେକ ଶ୍ରେଣୀରେ ଦିନକୁ ମାତ୍ର ଗୋଟିଏ ଦୁଇଟି କ୍ଲାସ୍ ହେଉଥିବାନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

ବିଦ୍ୟାଳୟରେ ଅଧ୍ୟକ୍ଷ, ପିଜିଟି ଗଣିତ, ପିଜିଟି ବାୟୋଲୋଜି, ପିଜିଟି ହିନ୍ଦୀ, ପିଜିଟି କେମେଷ୍ଟ୍ରି, ଟିଜିଟି ହିନ୍ଦୀ, ଟିଜିଟି ସଂସ୍କୃତ, ଟିଜିଟି ଇଂଲିଶ, ଟିଜିଟି ଗଣିତ, ଟିଜିଟି ପିଏଚ୍‌ଇ, ଟିଜିଟି ଡବ୍ଲ୍ୟୁଇ, ଟିଜିଟି ଲାଇବ୍ରେରି, ପିଆର୍‌ଟି ମ୍ୟୁଜିକ, ଏସ୍‌ଏସ୍‌ଏ ଜଣେ, ଜେଏସ୍‌ଏ ଜଣେ ପିଆର୍‌ଟି ୩ ଜଣ ଓ ଅନ୍ୟାନ୍ୟ ଷ୍ଟାଫ ୬ ଏହିପରି ବିଦ୍ୟାଳୟରେ ମୋଟ ୨୫ କର୍ମଚାରୀ ପଦବୀ ଖାଲି ପଡ଼ିଛି। ସେଥିମଧ୍ୟରୁ କେବଳ ୧୬ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଶିକ୍ଷା ବିଭାଗ ଠିକାରେ ଶିକ୍ଷକ ନିଯୁକ୍ତି କରିବା ପାଇଁ କହୁଥିବାବେଳେ ଏବେ ବର୍ଷ ଅଧାରେ ନବରଙ୍ଗପୁରକୁ ଆସିବାକୁ ସେମାନେ ଅନିଚ୍ଛା ପ୍ରକାଶ କରୁଛନ୍ତି ବୋଲି ଜଣାପଡ଼ିଛି। ଜଣେ ଶିକ୍ଷକ ଅଧ୍ୟକ୍ଷ ପଦ ଦାୟିତ୍ୱ ସମ୍ଭାଳୁଛନ୍ତି। ଅଧ୍ୟକ୍ଷ ଓ କିରାଣି ପଦବୀ ଖାଲିଥିବାରୁ ଭାରପ୍ରାପ୍ତ ଅଧ୍ୟକ୍ଷ ସେ ସମସ୍ତ କାମ କରୁଛନ୍ତି। ଅଫିସର ସମସ୍ତ କାମ ସହ ଦୈନିକ ୪ଟି ଶ୍ରେଣୀରେ ପାଠ ପଢ଼ାଉଥିବାରୁ ବିଦ୍ୟାଳୟ ପରିଚାଳନାରେ ବାଧା ସୃଷ୍ଟି ହେଉଛି। ଶିକ୍ଷକ ଅଭାବରୁ ବିଦ୍ୟାଳୟରେ ଶିକ୍ଷାଦାନ ଓ କାର୍ଯ୍ୟାଳୟର ଏକମାତ୍ର କିରାଣିଙ୍କୁ ବଦଳି କରାଯାଇଥିବରୁ ଅଫିସ କାର୍ଯ୍ୟରେ ବହୁ ଚାପ ପଡୁଥିବା ଭାରପ୍ରାପ୍ତ ଅଧ୍ୟକ୍ଷ କମିଟି ବୈଠକରେ ପ୍ରକାଶ କରିଛନ୍ତି। ଅନ୍ୟ ଦିଗରେ ବିଦ୍ୟାଳୟର ଖାଲିଥିବା ପଦବୀ ପୂରଣ କରିବା ପାଇଁ ଏମ୍‌ପି ରମେଶ ଚନ୍ଦ୍ର ମାଝି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି।

## ସଂକ୍ଷେପରେ

### ସଂସ୍କୃତ ଦିବସ ପାଳିତ

ଟିକିରି,୨।୯ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଟିକିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ସଂସ୍କୃତ ଦିବସ ପାଳନ ହୋଇଯାଇଛି। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରଞ୍ଜିତ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂସ୍କୃତ ଶ୍ଳୋକ, ପ୍ରବନ୍ଧ,ବକ୍ତୃତା ଓ ଗୀତା ଆବୃତ୍ତି ପ୍ରତିଯୋଗିତା କରାଯାଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସ୍ୱରୂପ ଭଗବଦ୍ ଗୀତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।

### ସକ୍ଷମ ଆନୁକୂଲ୍ୟରେ କାର୍ଯ୍ୟକର୍ତ୍ତା କର୍ମଶାଳା

ରାୟଗଡା,୨।୯( ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସହରରେ ସକ୍ଷମ ଆନୁକୂଲ୍ୟରେ ଶନିବାର କାର୍ଯ୍ୟକର୍ତ୍ତା କର୍ମଶାଳା ଅନୁଷ୍ଠିତ ହୋଇଛି। ସକ୍ଷମର ଅଖିଳ ଭାରତୀୟ ସଙ୍ଗଠନ ମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ରାୟଗଡ଼ା ଜିଲ୍ଲା ପ୍ରବାସ କାର୍ଯ୍ୟକ୍ରମ ଅଧୀନରେ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ଓଡ଼ିଶା ପଶ୍ଚିମ ପ୍ରାନ୍ତର ମାଲକାନଗିରି, କୋରାପୁଟ, ନୂଆପଡ଼ା, କଳାହାଣ୍ଡି ଏବଂ ରାୟଗଡା ଜିଲ୍ଲାର କାର୍ଯ୍ୟକର୍ତ୍ତା ଏହି କର୍ମଶାଳାରେ ଉପସ୍ଥିତ ଥିଲେ। ସେହିପରି ଓଡିଶା ପଶ୍ଚିମ ପ୍ରାନ୍ତର ସଚିବ ଶ୍ରୀ ରାମଚନ୍ଦ୍ର ସାହୁ, ପ୍ରାନ୍ତ ସଂରକ୍ଷକ ଡ. ବାଦଲ କୁମାର ତାହା, ପ୍ରାନ୍ତ କୋଷାଧ୍ୟକ୍ଷ ବିଜୟ କୁମାର ମିଶ୍ର, ପ୍ରାନ୍ତ ମହିଳା ପ୍ରମୁଖ ବିଦ୍ୟୁଲତା ହୁଇକା, ପ୍ରାନ୍ତ ଯୁବା ପ୍ରମୁଖ ଶ୍ୟାମ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରଶେଖର ସକ୍ଷମର ପ୍ରକୋଷ୍ଠ ଏବଂ ଆୟାମ ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରି ଆଗକୁ ସକ୍ଷମ ପ୍ରାନ୍ତରେ କିପରି କାମ କରିବ ତା' ଉପରେ ମାର୍ଗଦର୍ଶନ ଦେଇଥିଲେ। ସୂଚନାଥାଉକି, ସକ୍ଷମ ଏକମାତ୍ର ଅନୁଷ୍ଠାନ ଯିଏ ସମଗ୍ର ଭାରତରେ ୨୧ ପ୍ରକାର ଦିବ୍ୟାଙ୍ଗଙ୍କ ପାଇଁ କାମ କରିଆସୁଛି ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଗୁଣପୁର,୨।୯(ପ୍ରଦୀପ କୁମାର ପାଢ଼ୀ)

ଅବସରପ୍ରାପ୍ତ ଶିକ୍ଷକ ନେତା ତଥା ଖବରଦାତା ଶକ୍ତି ଦାସ ଓ ସିଦ୍ଧାର୍ଥ ଦାସଙ୍କ ବାପା ସୁନୀଲ କୁମାର ଦାସଙ୍କ ୬୩ ବର୍ଷ ବୟସରେ ଶନିବାର ସକାଳେ ଦେହାନ୍ତ ହୋଇଛି। କିଛିବର୍ଷ ହେଲା ସେ କର୍କଟ ରୋଗରେ ପିଡିତ ହୋଇ ଚିକିତ୍ସିତ ହେଉଥିଲେ। ସକାଳେ ସେ ଅଧିକ ଅସୁସ୍ଥତା ଅନୁଭବ କରିବା ପରେ ଗୁଣପୁର ଡାକ୍ତରଖାନାକୁ ନିଆ ଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚାକିରୀ ଜୀବନରେ ସେ ବହୁ ସମୟ ଧରି ଶିକ୍ଷକ ସଂଘର କର୍ମକର୍ତ୍ତା ଭାବେ ରହି ସଂଘ ପାଇଁ କାର୍ଯ୍ୟ କରିଥିଲେ। ଅବସର ପରେ ସେ କଳିଙ୍ଗ ସାମ୍ବାଦିକ ସଂଘର ଉପଦେଷ୍ଟା ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ପରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରୀନିବାସ ନଗରସ୍ଥିତ ଘରକୁ ଯାଇ ଶେଷ ଦର୍ଶନ କରିଥିଲେ। ମଧ୍ୟାହ୍ନରେ ତାଙ୍କ ମର ଶରୀରକୁ ତାଙ୍କ ଜନ୍ମସ୍ଥାନ ଡେରା ସାହିକୁ ନିଆଯାଇ ବଂଶଧାରା କୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଶେଷକୃତ୍ୟ ସମ୍ପନ୍ନ ବେଳେ ଭାଇ ଆଇନଜୀବୀ ପ୍ରଦିପ ଦାସ, ଗୌରୀ ଦାସ, ଶିକ୍ଷକ ଅଶୋକ ଦାସ ଓ ଉମା ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ନାହିଁ ଶୀତଳଭଣ୍ଡାର, କ୍ଷତି ସହୁଛନ୍ତି ସୀତାଫଳ ଚାଷୀ

ରାୟଗଡ଼ା,୨।୯ (ଆଶିଷ ରଞ୍ଜନ ପଣ୍ଡା)


ମହିଳାମାନେ ସୀତାଫଳ ଝୁଡ଼ି ନେଇ ରାୟଗଡ଼ା ବଜାରକୁ ବିକ୍ରି ପାଇଁ ଯାଉଛନ୍ତି ।

- ନିଆରା ମିଠା ସ୍ୱାଦ ପାଇଁ ଚାହିଦା ଅଧିକ
- ଅଞ୍ଚଳରେ ନାହିଁ ବଜାର, ସଂରକ୍ଷଣ ସୁବିଧା
- ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଚାଷୀ
- ଲାଭ ଉଠାଉଛନ୍ତି ପଡ଼ୋଶୀ ରାଜ୍ୟ ବ୍ୟବସାୟୀ

ଋତୁକାଳୀନ ଉତ୍ପାଦିତ ସ୍ୱାଦିଷ୍ଟ ଫଳ ମଧ୍ୟରେ ସୀତାଫଳର ବେଶ୍ ଚାହିଦା ରହିଛି। ଉପାନ୍ତ ରାୟଗଡ଼ା ଜିଲାରେ ଏହାର ଉତ୍ପାଦନ ଅଧିକ ହୋଇଥାଏ । ହେଲେ ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଜିଲାର ସୀତାଫଳ ଚାଷୀ ଉଚିତ ମୂଲ୍ୟ ପାଇ ନ ପାରି କ୍ଷତି ସହୁଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷେ ସୀତାଫଳକୁ ସୁରକ୍ଷିତ ଭାବେ ସଂରକ୍ଷିତ ରଖିବା ନିମନ୍ତେ ଜିଲାରେ ଶୀତଳ ଭଣ୍ଡାର ସୁବିଧା ଏବଂ ବିକ୍ରି ନିମନ୍ତେ ଆବଶ୍ୟକ ବଜାର ଏବଂ ଉଚିତ ଦର ଧାର୍ଯ୍ୟର ବ୍ୟବସ୍ଥା ନ ଥିବାରୁ ଆଦିବାସୀ ଚାଷୀ ଅଭାବୀ ବିକ୍ରି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ପଡ଼ୋଶୀ ରାଜ୍ୟର ବ୍ୟବସାୟୀ ଏଠାରୁ କମ୍ ମୂଲ୍ୟରେ ଫଳ ନେଇ ଉଚ୍ଚ ଦରରେ ବିକ୍ରି କରି ଲାଭବାନ୍ ହେଉଥିବା ବେଳେ ସ୍ଥାନୀୟ ଚାଷୀ ଏହାର ଉପଯୁକ୍ତ ମୂଲ୍ୟ ପାଇ ନ ପାରି ଅଭାବୀ ବିକ୍ରିର ଶିକାର ହେଉଛନ୍ତି।

ରାୟଗଡ଼ା ଜିଲାର ସୀତାଫଳ ବେଶ୍ ସ୍ୱାଦିଷ୍ଟ ହୋଇଥିବାରୁ ବଜାରରେ ଏହାର ଚାହିଦା ଅଧିକ । ମୁଖ୍ୟତଃ ରାୟଗଡ଼ା ସଦର ଓ କୋଲନରା ବ୍ଲକ ଅଞ୍ଚଳରେ ଅଧିକ ସୀତାଫଳ ଉତ୍ପାଦନ ହୋଇଥାଏ । ରାୟଗଡ଼ା ବ୍ଲକର ମିରାବାଲି, କାରୁବାଇ, ଡାଙ୍ଗଲୋଡ଼ି, ବାଇସିଂ, ବୈରାଗିହାଲୁଆ, ପିପଲଗୁଡ଼ା ଅଞ୍ଚଳ ଏବଂ କୋଲନରା ବ୍ଲକର ଭୋଇମଡ଼ା, ମୁକୁନ୍ଦପୁର, ରୁପୁଣି, କୈଳାସପୁର, ବଡ଼ଖିଲାପଦର ଆଦି ଅଞ୍ଚଳର ଜଙ୍ଗଲରେ ହଜାର ହଜାର ସଂଖ୍ୟାରେ ସୀତାଫଳ ଗଛ ରହିଛି। ତେଣୁ ଏଠାରେ ବସବାସ କରୁଥିବା ଆଦିବାସୀଙ୍କ ରୋଜଗାରର ପ୍ରମୁଖ ମାଧ୍ୟମ ହୋଇଥାଏ। ଅଞ୍ଚଳବାସୀ ସୀତାଫଳକୁ ଝୁଡ଼ିରେ ସଂଗ୍ରହକରି ରାୟଗଡ଼ା, ଗୁଣପୁର ଏବଂ ଜେକେପୁର ବଜାରକୁ ନେଇ ବିକ୍ରି କରିଥାନ୍ତି। ଏହା ସେମାନଙ୍କ ପରିବାର ଚଳିବାରେ ସାମାନ୍ୟ ସହାୟକ ହୋଇଥାଏ। ପରିତାପର ବିଷୟ ହେଲା, ଜିଲାରେ ଅଧିକ ପରିମାଣରେ ଏହି ଫଳ ଉତ୍ପାଦନ ହେଉଥିଲେ ମଧ୍ୟ ଚାଷୀ ସେମାନଙ୍କ ପରିଶ୍ରମର ଉପଯୁକ୍ତ ମୂଲ୍ୟ ପାଇପାରୁ ନ ଥିବା କହିଛନ୍ତି । ଜିଲା ବାହାରେ ଏବଂ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ରେ ସୀତାଫଳ କେଜି ପ୍ରତି ୧୫୦ରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେଉଥିବା ବେଳେ ଏଠାରେ ସୀତାଫଳ ଝୁଡ଼ି ମାତ୍ର ୧୨୦ ରୁ ୧୩୦ଟଙ୍କାରେ ବିକ୍ରି ହେଉଛି। ଗୋଟିଏ ଝୁଡ଼ିରେ ପ୍ରାୟ ୫୦ ରୁ ୬୦ ସୀତାଫଳ ରହୁଛି । ଜିଲାରେ ଆବଶ୍ୟକ ବଜାର ସୁବିଧାର ଅଭାବ ଏବଂ ଏହି ଫଳ ଅଧିକ ଦିନ ବାହାରେ ରଖିବା ସମ୍ଭବ ହେଉ ନ ଥିବାରୁ ଚାଷୀ ନିରୁପାୟ ହୋଇ ବେପାରୀଙ୍କୁ କମ୍ ଦରରେ ବିକ୍ରି କରିବାକୁ ବାଧ୍ ହେଉଥିବା କହିଛନ୍ତି । ସୀତାଫଳ ପାଇଁ କୌଣସି ସ୍ୱତନ୍ତ୍ର ବଜାର ବ୍ୟବସ୍ଥା ନ ଥିବାରୁ ରାୟଗଡ଼ା ସହର ଦେଇ ଯାଇଥିବା ୩୨୬ ନଂ ଜାତୀୟ ରାଜପଥ କଡ଼ରେ ଗରିବ ଆଦିବାସୀମାନେ ବସି ସୀତାଫଳ ବିକ୍ରି କରୁଛନ୍ତି । ବିଶେଷକରି ସହରର କପିଳାସ ଛକଠାରୁ ସ୍ୱାଗତ ହୋଟେଲ ଛକ ପର୍ଯ୍ୟନ୍ତ ସୀତାଫଳ ବିକ୍ରେତା ବସୁଥିବାରୁ ସକାଳ ୬ରୁ ଦିନ ୧୨ଟା ପର୍ଯ୍ୟନ୍ତ ରାସ୍ତା ଗହଳି ରହୁଛି । ଜିଲାରେ ଏଥିପାଇଁ ସ୍ୱତନ୍ତ୍ର ବଜାର ସୁବିଧା, ସରକାରୀ ମୂଲ୍ୟ ଧାର୍ଯ୍ୟ ଏବଂ ଶୀତଳ ଭଣ୍ଡାର ବ୍ୟବସ୍ଥା କରାଗଲେ ସ୍ଥାନୀୟ ଚାଷୀ ଉପଯୁକ୍ତ ମୂଲ୍ୟ ପାଇପାରିବେ ବୋଲି ଅଞ୍ଚଳର ଜଣେ ବ୍ୟବସାୟୀ କହିଛନ୍ତି। ଆଦିବାସୀଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ଧାର୍ଯ୍ୟ ସହ ବଜାର ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଓର୍‌ମାସ୍ ସଂସ୍ଥା ରହିଛି। ଏ ନେଇ ଓର୍‌ମାସ୍ ସଂସ୍ଥା ଡେପୁଟି ସିଇଓ ମନୋଜ ପାତ୍ରଙ୍କୁ ପଚାରିବାରୁ ସୀତାଫଳ ପାଇଁ କୌଣସି ସ୍ୱତନ୍ତ୍ର ବଜାର ବ୍ୟବସ୍ଥା ନାହିଁ। ଚଳିତ ବର୍ଷ ସୀତାଫଳ ସାଇଜ୍ ଭଲ ନ ଥିବାରୁ ଏହାକୁ ବାହାରେ ବ୍ୟବସାୟୀମାନେ ନାପସନ୍ଦ କରିଛନ୍ତି । ଚଳିତ ଥର ୨ ଟ୍ରକ୍ ସୀତାଫଳ ବାରିପଦା ପଠାଯାଇଥିଲା। ହେଲେ ସୀତାଫଳ ଆକାର ଛୋଟ ରହିଥିବାରୁ ବ୍ୟବସାୟୀ ଏହାକୁ କିଣିବାକୁ ମନା କରିଦେଇଛନ୍ତି । ଫଳରେ ଆର୍ଥିକ କ୍ଷତି ଘଟୁଛି। ତେବେ ସୀତାଫଳ ଗଛରେ ଭଲଭାବେ ବଢ଼ିବା ପୂର୍ବରୁ ଏହାକୁ ତୋଳି ଦେଉଥିବାରୁ ଏହା ଛୋଟ ଆକାରର ରହୁଛି ଏବଂ ପାଚିବାରେ ବିଳମ୍ବ ହେଉଛି ବୋଲି ମନୋଜ ପାତ୍ର କହିଛନ୍ତି। ତେବେ ଋତୁଜନିତ ଏହି ସୀତାଫଳ ପାଇଁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଦୃଷ୍ଟି ଦେଇ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା କରାଗଲେ ଗରିବ ଆଦିବାସୀଙ୍କ ଜୀବନ ଜୀବିକା ନିର୍ବାହରେ ଏହି ଫଳ କିଛି ସହାୟକ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି ।

## ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

### ସମୂହ ଛୁଟିରେ ମୃତ୍ତିକା ସଂରକ୍ଷଣ ଅଧିକାରୀ



ରାୟଗଡା,୨।୯(ଭାଗ୍ୟଶ୍ରୀ ମିଶ୍ର )

କ୍ୟାଡର ପୁନଃ ବିନ୍ୟାସ ଅହେତୁକ ବିଳମ୍ବ ପ୍ରତିବାଦରେ ରାୟଗଡ଼ା ମୃତ୍ତିକା ସଂରକ୍ଷଣ ଅଧିକାରୀମାନେ ଗତ ୩୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିରେ ଯାଇଛନ୍ତି। ଅଧିକାରୀଙ୍କ ସମୂହ ଛୁଟି ଶନିବାର ୩ୟ ଦିନରେ ପହଞ୍ଚିଥିବାବେଳେ କାର୍ଯ୍ୟାଳୟର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି । ନୂତନ ଭାବେ ପୁନଃ ବିନ୍ୟାସ ନିମନ୍ତେ ସଂଘ ପକ୍ଷରୁ ବାରମ୍ବାର ନିବେଦନ ସତ୍ତ୍ୱେ ଦୀର୍ଘ ୯ ବର୍ଷ ବିତି ଯାଇଥିଲେ ସୁଦ୍ଧା କ୍ୟାଡର ପୁନଃ ବିନ୍ୟାସରେ ସରକାରଙ୍କ ତରଫରୁ ଅହେତୁକ ବିଳମ୍ବ କରାଯାଇଛି। ଓଡିଶା ମୃତିକା ସଂରକ୍ଷଣ ସଂଘର ସଭାପତି ତଥା ୱାଟର ସେଡ ପିଡି ଦୟାନିଧି ବାଗ, ସିଡ଼ିଏଓ ଦୟାନିଧି ରାଉତଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏଥିରେ ଉପସ୍ଥିତ ଥିଲେ ।

# ସୁଧ କାରବାର ବନ୍ଦ ଦାବିରେ ଭାଜପାର ସ୍ମାରକପତ୍ର


ଦାବିପତ୍ର ଦେବାକୁ ଜିଲା ପୋଲିସ କାର୍ଯ୍ୟାଳୟକୁ ଆସିଥିବା ଭାଜପା କର୍ମକର୍ତ୍ତା।

ରାୟଗଡ଼ା,୨।୯ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ଚାଲିଥିବା ବେଆଇନ ଟଙ୍କା ସୁଧ କାରବାରକୁ ବିରୋଧ କରିଛି ଭାଜପା । ଏ ନେଇ ଶନିବାର ନଗର ଭାଜପା ପକ୍ଷରୁ ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବାରମ୍ବାର ନିବେଦନ ପରେ ମଧ୍ୟ ଏହି ବେଆଇନ ଋଣ ଓ ସୁଧ କାରବାର ଉପରେ ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବା ଭାଜପା କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଏଥିସହ ଯେଉଁମାନେ ଏହି ବ୍ୟବସାୟୀ ଗୋଷ୍ଠୀଙ୍କଠାରୁ ସୁଧରେ ଟଙ୍କା ନେଇଛନ୍ତି ସେମାନେ ଫେରସ୍ତ କରିବା ଆବଶ୍ୟକ ନାହିଁ ବୋଲି ଭାଜପା ନେତା କହିଛନ୍ତି।

ସୂଚନାଯୋଗ୍ୟ, ଆନ୍ଧ୍ରପ୍ରଦେଶରୁ ଶତାଧିକ ବ୍ୟବସାୟୀ ରାୟଗଡ଼ା ଆସି ଏହି କାରବାର କରୁଛନ୍ତି । ୧୦ ପ୍ରତିଶତ ସୁଧ ସର୍ବନିମ୍ନ ମାସିକ ଆଦାୟ ହେଉଥିବା ନଜରକୁ ଆସିଛି। ସେମାନଙ୍କ ଟାର୍ଗେଟ କେବଳ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀ । ଏପରିକି ଟଙ୍କା ଋଣ ଦେଇ ଲୋକଙ୍କ ଘର ବନ୍ଧକ ରଖିବା ଏବଂ ବ୍ଲାଙ୍କ୍ ଚେକ୍ ନେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ତେଣୁ ଏହା ଉପରେ ରୋକ୍ ଲଗାଇବା ପାଇଁ ଭାଜପା ଜିଲା ସମ୍ପାଦକ ତଥା ଆଇନଜୀବୀ ପଦ୍ମନାଭ ଦାସଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ଉଲାକା, କାଉନସିଲର ମଞ୍ଜୁଳା ମିଣିଆକା ଓ ଏ. ବାଣିଶ୍ରୀ, ବୁରୁଡ଼ି ଲକ୍ଷ୍ମୀ, ସନ୍ତୋଷ ପାଢ଼ୀ ଓ ରାଜେଶ ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

## ମେଡିକାଲର ନୂତନ କୋଠା ଉଦ୍‌ଘାଟିତ

ଗୁଣପୁର,୨।୯ (ପ୍ରଦୀପ କୁମାର ପାଢୀ)

ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ନୂତନ କୋଠା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରରେ ମୁଖ୍ୟଅତିଥି ଭାବେ ବିଧାୟକ ରଘୁନାଥ ଗମାଙ୍ଗ ଏବଂ ସମ୍ମାନିତ ଅତିଥି ଭାବେ ପୌର ପରିଷଦର ଅଧକ୍ଷା ମମତା ଗୌଡ ଏବଂ ଉପାଧକ୍ଷ ଶିବ ପ୍ରସାଦ ଗୌଡ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ରମେଶ ଚନ୍ଦ୍ର ସାହୁଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଉଦଘାଟିତ ନୂତନ କୋଠା ସ୍ୱତନ୍ତ୍ର ଭାବେ ଶିଶୁ ଏବଂ ଭେଷଜ ରୋଗୀଙ୍କ ନିମନ୍ତେ କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡିଛି।

## କେନ୍ଦ୍ରୀୟ ବିଦ୍ୟାଳୟରେ ସାଂସ୍କୃତିକ ପ୍ରତିଯୋଗିତା



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ରାୟଗଡ଼ା,୨।୯ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟଠାରେ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଏକ ଭାରତ ଶ୍ରେଷ୍ଠ ଭାରତ ଓ କଳା ଉତ୍ସବ ଆନୁକୂଲ୍ୟରେ କ୍ଲଷ୍ଟରସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲଷ୍ଟରସ୍ତରର ୭ଟି କେନ୍ଦ୍ରୀୟ ବିଦ୍ୟାଳୟର ୧୬୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ମାଲକାନଗିରି, ନବରଙ୍ଗପୁର, ସୁନାବେଡ଼ା, କୋରାପୁଟ, ଗୁଣପୁର, ଗଜପତି ଓ ରାୟଗଡ଼ା କେନ୍ଦ୍ରୀୟ ବିଦ୍ୟାଳୟରୁ ୨୪ଟି ଟିମ୍ ଭାଗ ନେଇଛନ୍ତି । ସେଥିମଧ୍ୟରୁ ୭ଟି ସାମୂହିକ ସଙ୍ଗୀତ, ୭ଟି ସାମୂହିକ ନାଟକ ଗ୍ରୁପ୍ ରହିଥିବା ବେଳେ ୧୦ ଜଣ ବ୍ୟକ୍ତିଗତ ଭାବେ ଅଂଶଗ୍ରହଣ କରିଛନ୍ତି । ଏହି କ୍ଲଷ୍ଟରସ୍ତରୀୟରେ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ଏହାପରେ ସେଠାରୁ କୃତିତ୍ୱ ହାସଲ ପରେ କୋଲକାତାଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଜାତୀୟସ୍ତର ଏବଂ ପରେ ଏନ୍‌ସିଇଆର୍‌ଟି ଆୟୋଜିତ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଚଳିତ ଥର ଏହି କାର୍ଯ୍ୟକ୍ରମରେ ଓଡ଼ିଶାକୁ ମହାରାଷ୍ଟ୍ର ସଙ୍ଗୀତ ମାଧ୍ୟମରେ ବିଭିନ୍ନ ନାଟକ ପରିବେଷଣ କରିବାକୁ ନିର୍ଦ୍ଦେଶ ରହିଛି । ଯେଉଁମାନେ ଜାତୀୟସ୍ତରରେ କୃତିତ୍ୱ ହାସଲ କରିବେ ସେମାନେ ମହାରାଷ୍ଟ୍ର ଭ୍ରମଣରେ ଯିବାର ସୁଯୋଗ ପାଇବେ ବୋଲି ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ରମେଶ ସାହୁ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରୁଛନ୍ତି ।

## ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ଗୁଡ଼ାରି,୨।୯(ପ୍ରମୋଦ କୁମାର ପତି)



ଗୁଡ଼ାରି ବିଡିଓ ରତ୍ନମୟୀ ପୁରୋହିତ ସେମିନାର ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।

ଗୁଡ଼ାରି ସରକାରୀ ହାଇସ୍କୁଲରେ ବ୍ଲକସ୍ତରୀୟ ସାଇନ୍ସ ସେମିନାର ୨୦୨୩-୨୪ ଶନିବାର ଅନୁଷ୍ଠିତ ହୋଇଥିଲା। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗୁଡ଼ାରି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୦ ଛାତ୍ରୀଛାତ୍ର ଏହି ସେମିନାରରେ ଭାଗ ନେଇଥିଲେ। 'ମିଲେଟସ - ଏ ସୁପର ଫୁଡ୍ ଅର୍ ଏ ଡାଇଟ୍ ଫୁଡ୍' ବିଷୟବସ୍ତୁ ସମ୍ପର୍କରେ ଏହି ସେମିନାର ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ସ୍ଥାନୀୟ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟାପକ ସୁଶାନ୍ତ ପାତ୍ର ଏବଂ ଗୌଡ଼ ଢେପାଗୁଡା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ପି. ବାସୁଦେବ ଦାୟିତ୍ୱ ତୁଲାଇଥିଲେ। ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ସ୍ୱୟଂଶ୍ରୀ ସାହୁ ଏହି ସେମିନାରରେ କୃତିତ୍ୱ ହାସଲ କରିବା ସହ ଆସନ୍ତା ୪ ତାରିଖରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ରାୟଗଡ଼ାରେ ଭାଗନେବେ ବୋଲି ସୂଚନା ମିଳିଛି। କୃତିତ୍ୱ ହାସଲ କରିଥିବା ଛାତ୍ର ସ୍ୱୟଂଶ୍ରୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଛି। ପ୍ରଧାନ ଶିକ୍ଷକ ରାଜକିଶୋର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜିଲା ଯୁବ ବିଜେଡି ଡିଜିଟାଲ ସମ୍ପାଦକ ସଂଗ୍ରାମ ବାରିକ ନିଲମ୍ବିତ

କୋରାପୁଟ,୨।୯(ଅମିତାଭ ବେହେରା)

କୋରାପୁଟ ଜିଲା ଯୁବ ବିଜେଡିର ଡିଜିଟାଲ ସମ୍ପାଦକ ସଂଗ୍ରାମ କେଶରୀ ବାରିକ ଦଳରୁ ନିଲମ୍ବିତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ କରୁଥିବାରୁ ତାଙ୍କୁ ଶନିବାର ବିଜୁ ଯୁବ ଜନତାଦଳରୁ ନିଲମ୍ବିତ କରାଯାଇଥିବା ଜିଲା ବିଜେଡି ଯୁବ ସଭାପତି ଲଲାଟ ରଞ୍ଜନ ସେଠୀ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି। ସଂଗ୍ରାମ ଅନେକ ଦିନ ଧରି ଦଳ ବିରୋଧୀ କାର୍ଯ୍ୟ କରୁଥିବା ଜିଲା ବିଜେଡି ଯୁବ ସଭାପତି ଓ ରାଜ୍ୟ ବିଜେଡି ଯୁବ ସଭାପତିଙ୍କ ନଜରକୁ ଆସିଥିଲା। ଏହାର ତଦନ୍ତ କରାଯାଇରାଜ୍ୟ ବିଜୁ ଯୁବ ଜନତା ଦଳ ପକ୍ଷରୁ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଜିଲା ବିଜୁ ଯୁବ ଜନତାଦଳ ସଭାପତି ସେଠୀ ପ୍ରକାଶ କରିଛନ୍ତି।

## ଗୁଣପୁର-ବିଶାଖାପାଟଣା ଟ୍ରେନ୍‌ରେ ଲାଗିଲା ପୁଣି ୨ କୋଚ୍

ଗୁଣପୁର,୨।୯ (ପ୍ରଦୀପ କୁମାର ପାଢୀ)

ଗୁଣପୁର- ବିଶାଖାପାଟଣା ଟ୍ରେନରେ ପୁଣି ଲାଗିଲା ଦୁଇଟି କୋଚ୍। ଗୋଟିଏ ସ୍ଲିପର ସହ ତୃତୀୟ ଶ୍ରେଣୀ ଏସି କୋଚ୍ ଲାଗିଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସାମୟିକ ଭାବେ ଏପରି କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଜଣାପଡିଛି। ଏହି ଦୁଇଟି କୋଚକୁ ମିଶାଇ ବର୍ତ୍ତମାନ ବିଶାଖାପାଟଣା-ଗୁଣପୁର ଟ୍ରେନରେ କୋଚ ସଂଖ୍ୟା ୧୧ରେ ପହଞ୍ଚିଛି। ପୂର୍ବରୁ ଗୋଟିଏ ସ୍ଲିପର ସହ ଏସି ମିଶାଇ ୯ଟି କୋଚ୍ ରହିଥିଲା। ଏହି ଟ୍ରେନରେ ଭିଡ କମାଇବା ସହ ଯାତ୍ରୀମାନଙ୍କ ହିତକୁ ଦୃଷ୍ଟିରେ ରଖି ଏପରି କରାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଅଧିକା କୋଚ ଲାଗିଥିବାରୁ ସାଧାରଣରେ ଖୁସିର ଲହରି ଖେଳିଯାଇଛି।

# ମୁନିଗୁଡ଼ାରେ ଟ୍ରକ୍ ଟର୍ମିନାଲ ନିର୍ମାଣ ଦାବି

ମୁନିଗୁଡ଼ା,୨।୯(ରାଧେଶ୍ୟାମ ଅଗ୍ରୱାଲ)

ଦକ୍ଷିଣ ଓଡ଼ିଶାର ଅନ୍ୟତମ ବ୍ୟସ୍ତବହୁଳ ବ୍ୟବସାୟିକ ପେଣ୍ଠସ୍ଥଳୀ ହେଉଛି ରାୟଗଡ଼ା ଜିଲା ମୁନିଗୁଡ଼ା ସହର । ପ୍ରତିଦିନ ହଜାର ହଜାର ଭାରୀଯାନସହିତ ବିଭିନ୍ନ ଶିଳ୍ପ ସଂସ୍ଥାର ପଣ୍ୟବାହି ଯାନ ମୁନିଗୁଡ଼ା ଦେଇ ଯିବାଆସିବା କରିଥାଏ। ଏହି ଗାଡ଼ିଗୁଡ଼ିକର ପାର୍କିଂ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ। ତେବେ ରାଜ୍ୟ ସରକାର ଏବେ ବିଭିନ୍ନ ଅଞ୍ଚଳରେ ଟ୍ରକ ଟର୍ମିନାଲ ନିର୍ମାଣ କରିବା ପାଇଁ ଘୋଷଣା କରିଥିବାବେଳେ ଭୌଗଳିକ, ବ୍ୟବସାୟିକ, ଗମନାଗମନ ଏବଂ ସହରର ଟ୍ରାଫିକ ନିୟନ୍ତ୍ରଣ ଦୃଷ୍ଟିରୁ ମୁନିଗୁଡ଼ା ଉପକଣ୍ଠରେ ଏକ ଟ୍ରକ ଟର୍ମିନାଲ ନିର୍ମାଣ କରିବାକୁ ମୁନିଗୁଡ଼ାର ବିଭିନ୍ନ ମହଲରୁ ଦାବି ଉଠୁଛି।

ସହରକୁ ପ୍ରତିଦିନ ହଜାର ହଜାର ଭାରୀଯାନ ଯାତାୟାତ କରୁଥିବାବେଳେ ପାର୍କିଂର ବ୍ୟବସ୍ଥା ନ ଥିବାରୁ ଯାନଗୁଡ଼ିକ ରାସ୍ତା ମଧ୍ୟସ୍ଥ ସର୍ବସାଧାରଣ ପାର୍କିଂ ସ୍ଥଳକୁ ଆବୋରି ନେଇଥାନ୍ତି। ଫଳରେ ଉକ୍ତ ଟ୍ରାଫିକ ସମସ୍ୟା ଉପୁଜୁଥିବା ନେଇ ମୁନିଗୁଡ଼ା ବଣିକ ସଂଘ, ପ୍ରେସ କ୍ଲବ,ବିକାଶ ପରିଷଦ ଓ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ମୁନିଗୁଡ଼ା ବିଡ଼ିଓ, ତହସିଲଦାର, ଏସିଡିପିଓ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଗତ କିଛି ଦିନ ପୂର୍ବେ ସହରରେ ନିର୍ଦ୍ଧାରିତ ସମୟରେ ନୋ ଏଣ୍ଟ୍ରି ସିଷ୍ଟମ କାର୍ଯ୍ୟକାରୀ କରାଯାଇଥିଲା। ପରେ ଏସବୁର ସ୍ଥାୟୀ ସମାଧାନ ନିମନ୍ତେ ମୁନିଗୁଡ଼ା -ରାୟଗଡ଼ା ରୋଡରୁ ଜାମରାଗୁଡ଼ା ଯାଏ ବାଇପାସ ରୋଡ ଓ ଗାଡ଼ି ଏବଂ ଚାଳକମାନଙ୍କ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଲାଗି ଅତ୍ୟାବଶ୍ୟକ ଟ୍ରକ ଟର୍ମିନାଲ ବ୍ୟବସ୍ଥା କରିବାକୁ ତତ୍କାଳୀନ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ମୁନିଗୁଡ଼ାବାସୀଙ୍କ ତରଫରୁ ଦାବି ଜଣାଯାଇଥିଲା। ଏବେ ବାଇପାସ ରୋଡ ନିର୍ମାଣ ପାଇଁ ସରକାରଙ୍କ ତରଫରୁ ସବୁଜ ସଂକେତ ମିଳିବା ସହିତ ପ୍ରାରମ୍ଭିକ ଅଫିସିଆଲ କାର୍ଯ୍ୟ ଆରମ୍ଭ ହୋଇଥିବା ଶୁଣିବାକୁ ମିଳୁଛି। ହେଲେ ଗାଡ଼ି ଡ୍ରାଇଭର, ଗାଡ଼ିର ସୁରକ୍ଷା ଏବଂ ଟ୍ରାଫିକ ସମସ୍ୟା ଦୃଷ୍ଟିରୁ ଅତି ଜରୁରୀ ହେଉଥିବା ଟ୍ରକ ଟର୍ମିନାଲ ନିର୍ମାଣ ହେବାର ବିଳମ୍ବକୁ ଦେଖି ଗାଡ଼ି ଡ୍ରାଇଭରମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।


ରାସ୍ତା କଡ଼ରେ ଟ୍ରକ୍ ପାର୍କିଂ କରାଯାଇଛି।

# 'କପଡ଼ାଗନ୍ଧା' ଶାଲ୍, 'ଇଡିତାଲ' ଚିତ୍ରକୁ ମିଳିବ ଜିଆଇ ଟ୍ୟାଗ୍

ବିଷମକଟକ,୨।୯(ବିଭୂତି ଭୂଷଣ ନାୟକ)

ରାୟଗଡ଼ା ଜିଲା ବିଷମକଟକ ବ୍ଲକସ୍ଥିତ ନିୟମଗିରି ପାହାଡ଼ ଉପରେ ରହୁଥିବା ଜନଜାତି ଡଙ୍ଗରିଆ କନ୍ଧଙ୍କ 'କପଡ଼ାଗନ୍ଧା' ଶାଲ ଓ ଲାଞ୍ଜିଆ ସଉରାଙ୍କ 'ଇଡିତାଲ' ଚିତ୍ରକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବ। ଖୁବ୍‌ଶୀଘ୍ର ଭୌଗୋଳିକ ସୂଚକାଙ୍କ (ଜିଆଇ) ଟ୍ୟାଗ୍ ପାଇବ କପଡ଼ାଗନ୍ଧା ଓ ଇଡିତାଲ। ଏହି ଖବର ପ୍ରସାରିତ ହେବା ପରେ ଜିଲାରେ ଖୁସିର ଲହରି ଖେଳିଯାଇଛି। ଏହାର ବହୁଳ ବଜାରୀକରଣ ନିମନ୍ତେ ଜିଲା ପ୍ରଶାସନ ତରଫରୁ ବ୍ୟାପକ ସୁବିଧା ସୁଯୋଗ ସୃଷ୍ଟି କରାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିଛନ୍ତି।


ଡଙ୍ଗରିଆ କନ୍ଧ ମହିଳାମାନେ 'କପଡାଗନ୍ଧା' ଶାଲ୍ ବୁଣୁଛନ୍ତି।

ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ମହିଳାଙ୍କ ଦ୍ୱାରା ବୁଣାଯାଉଥିବା ଆକର୍ଷଣୀୟ ଏମ୍ବ୍ରୋଡରି ଶାଲ୍ 'କପଡ଼ାଗନ୍ଧା'କୁ ନିୟମଗିରି ଡଙ୍ଗରିଆ କନ୍ଧ ୱେଭର୍ସ ଆସୋସିଏଶନ ଏବଂ ଗୁଣପୁର ଉପଖଣ୍ଡରେ ରହୁଥିବା ପୁଟାସିଂ ଅଞ୍ଚଳର ଲାଞ୍ଜିଆ ସଉରାଙ୍କ ଦ୍ୱାରା କାନ୍ଥରେ ଅଙ୍କାଯାଉଥିବା ସୁନ୍ଦର 'ଇଡିତାଲ' ଚିତ୍ରକୁ ଜିଆଇ ଟ୍ୟାଗ୍ ମିଳିବା ନିମନ୍ତେ ଇଡଲ ଇଡିତାଲ ଆସୋସିଏଶନ ପକ୍ଷରୁ ଜିଆଇ ଟ୍ୟାଗ୍ ମିଳିବା ନିମନ୍ତେ ଆବେଦନ କରାଯାଇଥିଲା। ଡଙ୍ଗରିଆ କନ୍ଧଙ୍କ କପଡ଼ାଗନ୍ଧା ଶାଲ୍ ଜିଆଇ ଟ୍ୟାଗ୍ ମାନ୍ୟତା ପାଇବା ନିମନ୍ତେ ୨୦୨୦-୨୧ରେ ଆବେଦନ କରାଯାଇଥିବା ବେଳେ ୨୦୨୧-୨୨ବର୍ଷରେ ଲାଞ୍ଜିଆ ସଉରାଙ୍କ 'ଇଡିତାଲ' ଚିତ୍ର ନିମନ୍ତେ ଆବେଦନ କରାଯାଇଥିଲା । ଏହି ଶାଲ୍ ଏବଂ ଚିତ୍ରକୁ ଜିଆଇ ଟ୍ୟାଗ୍ ମାନ୍ୟତା ନେଇ କେନ୍ଦ୍ର ସରକାରଙ୍କ ଜିଆଇ ଜର୍ନାଲରେ ପ୍ରକାଶିତ ହୋଇଛି । କପଡ଼ାଗନ୍ଧା ଶାଲ ଚାହିଦା ଅନ୍ତର୍ଜାତୀୟ ବଜାରରେ ରହିଥିବା

**ବଜାରୀକରଣ ଲାଗି ସୁବିଧା ସୁଯୋଗ ସୃଷ୍ଟି କରାଯିବ**

ବେଳେ ଇଡିତାଲ ଚିତ୍ର ମଧ୍ୟ ବିଶ୍ୱସ୍ତରରେ ପ୍ରସିଦ୍ଧି ଲାଭ କରିବାରେ ଲାଗିଥିବାରୁ ଉଭୟ ଆସୋସିଏଶନ ତରଫରୁ ଜିଆଇ ଟ୍ୟାଗ୍ ପାଇଁ ଦାବି ହୋଇ ଆସୁଥିଲା। ଏବେ ଚେନ୍ନାଇଭିତ୍ତିକ ଭୌଗୋଳିକ ସୂଚକାଙ୍କ ରେଜିଷ୍ଟ୍ରି ଜିଆଇ ପଞ୍ଜୀକରଣ ପାଇଁ ଜାତୀୟ ସଂସ୍ଥା ନିକଟରେ ଓଡ଼ିଶା ନୟାଗଡ଼ର କଣ୍ଟେଇମୁଣ୍ଡି ବାଇଗଣ, କୋରାପୁଟର କଳାଜିରା ଭଳି ୭ଟି ଉତ୍ପାଦ ପାଇଁ ବିଜ୍ଞାପନ କରିଛି । ଯଦି କୌଣସି ବ୍ୟକ୍ତି ବା ସଂସ୍ଥାଙ୍କଠାରୁ ଏହି ୭ଟି ଉତ୍ପାଦକୁ ୪ ମାସ ଭିତରେ ବିରୋଧ ନ ହୁଏ ତେବେ ଏଗୁଡିକ ଜିଆଇ ରେଜିଷ୍ଟ୍ରିରେ ପ୍ରବେଶ ହେବ ଏବଂ ଉତ୍ପାଦ ସପକ୍ଷରେ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯିବ । ଏହି ସମସ୍ତ ଉତ୍ପାଦ ଖାଦ୍ୟ, ହସ୍ତତନ୍ତ ଏବଂ କୃଷି ବିଭାଗ ଅଧୀନରେ ଅନ୍ତର୍ଭୁକ୍ତ ବୋଲି ଜଣାପଡିଛି ।

## ସଂକ୍ଷେପରେ

### ଆମ୍ବାଗୁଡା ପଞ୍ଚାୟତ ଅଫିସ ସମ୍ମୁଖରେ ଭାଜପାର ଧାରଣା

ଜୟପୁର,୨୧୯ (ପବନ ପାଣିଗ୍ରାହୀ )

ଭାରତୀୟ ଜନତା ପାର୍ଟି (ଭାଜପା) ବ୍ଲକର ଆମ୍ବାଗୁଡା ପଞ୍ଚାୟତ ଅଫିସରେ ଶନିବାର ଧାରଣା ଦେଇଥିଲା। ବିଭିନ୍ନ ସମସ୍ୟା ସମାଧାନ ନେଇ ଦଳ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ପଞ୍ଚାୟତର ବହୁ ହିତାଧିକାରୀ ଆବାସ ପାଇବାରୁ ବଞ୍ଚିତ ହୋଇଛନ୍ତି। ଭତ୍ତା ପ୍ରଦାନରେ ହେରଫେର କରାଯାଉଥିବା ଅଭିଯୋଗ ଆଣି କର୍ମକର୍ତ୍ତାମାନେ ଧାରଣା ଦେଇଥିଲେ। ଧାରଣାର ନେତୃତ୍ୱ ଆମ୍ବାଗୁଡାମଣ୍ଡଳ ସଭାପତି ଶିବ ଶଙ୍କର ପାଢ଼ୀ, ପୂର୍ବତନ ବିଧାୟକ ପ୍ରାର୍ଥୀ ଗୌତମ ସାମନ୍ତରାୟ, ଅନୀଲ ମହାନ୍ତି, ଅଜିତ ବୈରାଗୀ, ଗୋପୀନାଥ ବେବର୍ତ୍ତା, ନଳିନୀ ଦାସ, ନଗର ମଣ୍ଡଳ ସଭାପତି ରାଧେଶ୍ୟାମ ପରିଡା, ରାମୁ ବେହେରା ପ୍ରମୁଖ ନେଇଥିଲେ। ସମସ୍ୟା ସମାଧାନ ନ ହେଲେ ଦଳ ଆନ୍ଦୋଳନକୁ ତୀବ୍ର କରିବ ବୋଲି ଚେତାବନୀ ଦେଇଛି।

### ଜିଲ୍ଲା ଯୁବ ବିଜେଡି ଡିଜିଟାଲ ସମ୍ପାଦକ ସଂଗ୍ରାମ ବାରିକ ନିଲମ୍ବିତ

କୋରାପୁଟ,୨୧୯(ଅମିତାଭ ବେହେରା)

କୋରାପୁଟ ଜିଲ୍ଲା ଯୁବ ବିଜେଡିର ଡିଜିଟାଲ ସମ୍ପାଦକ ସଂଗ୍ରାମ କେଶରୀ ବାରିକ ଦଳରୁ ନିଲମ୍ବିତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ କରୁଥିବାରୁ ତାଙ୍କୁ ଶନିବାର ବିଜୁ ଯୁବ ଜନତାଦଳରୁ ନିଲମ୍ବିତ କରାଯାଇଥିବା ଜିଲ୍ଲା ବିଜେଡି ଯୁବ ସଭାପତି ଲଲାଟ ରଞ୍ଜନ ସେଠୀ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି। ସଂଗ୍ରାମ ଅନେକ ଦିନ ଧରି ଦଳ ବିରୋଧୀ କାର୍ଯ୍ୟ କରୁଥିବା ଜିଲ୍ଲା ବିଜେଡି ଯୁବ ସଭାପତି ଓ ରାଜ୍ୟ ବିଜେଡି ଯୁବ ସଭାପତିଙ୍କ ନଜରକୁ ଆସିଥିଲା। ଏହାର ତଦନ୍ତ କରାଯାଇରାଜ୍ୟ ବିଜୁ ଯୁବ ଜନତା ଦଳ ପକ୍ଷରୁ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲିଜିଲ୍ଲା ବିଜୁ ଯୁବ ଜନତାଦଳ ସଭାପତି ସେଠୀ ପ୍ରକାଶ କରିଛନ୍ତି।

### ଏସ୍‌ଏଚଜି ପାଇଲେ ମାଗଣାରେ ୧୫ ମେଶିନ

କୋରାପୁଟ,୨୧୯(ଅମିତାଭ ବେହେରା)

କୋରାପୁଟସ୍ଥିତ କୋଟସ ସଭାଗୃହ ପରିସରରେ ଶନିବାର ବ୍ଲକସ୍ତରୀୟ ମିଲେଟ ପ୍ରୋସେସିଂ ମେଶିନ ବଣ୍ଟନମେଳା ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷା ନମିତା ମାଝି, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ମିଲେଟ ଜାତୀୟ ଶସ୍ୟକୁ ଅଧିକ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏପରି ମେଶିନ ଯୋଗାଇ ଦେଉଥିବା ପୌରାଧ୍ୟକ୍ଷ ସେଠୀ ପ୍ରକାଶ କରିଥିଲେ। କୋରାପୁଟ କୃଷି ବିଭାଗ ଓ ଓଡିଶା ମିଲେଟ ମିଶନ ସହଯୋଗରେ ହୋଇଥିବା ଏହି ବଣ୍ଟନମେଳାକୁ କୋରାପୁଟ ଫାର୍ମର୍ସ ଆସୋସିଏଶନ ପରିଚାଳନା କରିଥିଲା। ଏହି ଅବସରରେ କୋରାପୁଟ ବ୍ଲକ ଅଞ୍ଚଳର ୧୫ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ମିଲେଟ ଜାତୀୟ ଶସ୍ୟ ମାଣ୍ଡିଆ, ସୁଆଁ, କାଙ୍ଗୁ, ବାଜରା ଆଦିକୁ ଗ୍ରାଇଣ୍ଡର କରିବା ଲାଗି ୧୫ଟି ମେଶିନ ମାଗଣାରେ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ଶିବ ଗୋଲରି, ବିଧାୟକ ପ୍ରତିନିଧି ମଣ୍ଟୁ ବେନିଆ, ଜିଲ୍ଲା ପରିଷଦ ସଭ୍ୟ ରଘୁ ଜାନି ଓ କେ. ମିହିର କୁମାର ଉପସ୍ଥିତ ଥିଲେ । ବ୍ଲକ ସହକାରୀ କୃଷି ଅଧିକାରୀ କ୍ରାନ୍ତି କୁମାରୀ ଓ ଏସ୍‌ଏସ୍ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃଷି ଓଭରସିଅର ରାଜେନ୍ଦ୍ର ପାଲ, ମିଶନ ଶକ୍ତି ବ୍ଲକ ସଂଯୋଜକ ବିନୋଦ ବିଶୋୟୀ, ମିଲେଟ ମିଶନର ଦୀପ୍ତି ରଞ୍ଜନ ତ୍ରିପାଠୀ ଉପସ୍ଥିତ ଥିଲେ ।

### ନବ ଭାରତ କାର୍ଯ୍ୟକ୍ରମ

ଦଶମନ୍ତପୁର,୨୧୯( ଅରବିନ୍ଦ ନାୟକ )

ଦଶମନ୍ତପୁର ବ୍ଲକ ଶିକ୍ଷା ଅଧିକାରୀ ଦୟାସିନ୍ଧୁ ବାଘ ଓ ବିଡିଓ ଡମ୍ବରୁଧର ମଲିକଙ୍କ ତତ୍ତ୍ୱାବଧାନରେ ବ୍ଲକର ସମସ୍ତ ଶିକ୍ଷା ଅନୁଷ୍ଠାନରେ ନବ ଭାରତ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ସେପ୍ଟେମ୍ବର ୮ତାରିଖ ପର୍ଯ୍ୟନ୍ତ ଚାଲିବ। ଯେଉଁ ପିଲାମାନେ ବିଦ୍ୟାଳୟକୁ ଯାଉନାହାନ୍ତି ଅବା ଅଧାରୁ ପାଠ ଛାଡୁଛନ୍ତି ସେମାନେ କିପରି ବିଦ୍ୟାଳୟକୁ ପୁଣି ଆସି ପାଠ ପଢ଼ିବେ, ଅଞ୍ଚଳରେ ସାକ୍ଷରତା ହାର ବଢ଼ିବ ସେନେଇ ସଚେତନତା କରାଯିବ ବୋଲି ବାଘ କହିଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ବିଭିନ୍ନ ପ୍ଲା କାର୍ଡ ଧରି ସ୍ଲୋଗାନ ଦେଇ ଶୋଭାଯାତ୍ରା କରିଥିଲେ। ଏଥିରେ ଉଚ୍ଚ ବିଦ୍ୟାଳୟ, ଏମଇ ସ୍କୁଲ ଓ ଏକ୍ସ-ବୋର୍ଡ଼ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏବିଇଓ ମନବୋଧ ମଣ୍ଡାଙ୍ଗି, ଏବିଇଓ ନରେଶ ଚନ୍ଦ୍ର ସ୍ୱାଇଁ , ସିଆରସିସି ନିକୁଞ୍ଜ କିଶୋର ସାହୁ, ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଶ୍ମି ମାର୍ଣ୍ଡି, ବଶିଷ୍ଟ ନାୟକ, ଏମଇ ସ୍କୁଲର ପ୍ରଧାନଶିକ୍ଷକ ବାସ ପ୍ରଧାନୀ, ଜଗନ୍ନାଥ ବେହେରା, ରାଜେଶ୍ୱରୀ ଅଚାରି, ପ୍ରଧାନଶିକ୍ଷକ ଭୁବନ ମୋହନ ଦେଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# କୋରାପୁଟିଆ କଳାଜିରା ଧାନକୁ ମିଳିବ ଜିଆଇ ଟ୍ୟାଗ

କୋରାପୁଟ,୨୧୯(ଅମିତାଭ ବେହେରା)

**ତାଲିକାଭୁକ୍ତ ହେବା ପରେ ଜିଲ୍ଲାରେ ଖୁସିର ଲହର**



କଳାଜିରା ଧାନ ଚାଷ କରିଥିବା ଦଇମତି ।

କୋରାପୁଟ ଜିଲ୍ଲା ପାଇଁ ଆସିଛି ଖୁସି ଖବର। କୋରାପୁଟରେ ଉତ୍ପାଦିତ ହେଉଥିବା କୋରାପୁଟିଆ ବିରଳ କଳାଜିରା ଧାନକୁ ମିଳିବ ଜିଆଇ ଟ୍ୟାଗ। କୋରାପୁଟର କଫି, ଝାଡୁ, ସାବୁନ, ହଳଦୀ ପରେ ବିରଳ ଧାନ କଳାଜିରା ଚାଉଳକୁ ଜିଆଇ ଟ୍ୟାଗ ମାନ୍ୟତା ମିଳିବାକୁ ଯାଉଛି। ଏହି ଅବସରରେ ଓଡିଶାର ୭ଟି ଉତ୍ପାଦକୁ ଜିଆଇ ଟ୍ୟାଗ ମାନ୍ୟତା ମିଳିବାକୁ ତାଲିକାଭୁକ୍ତ କରାଯାଇଥିବା ଜଣାପଡିଛି। ସେଗୁଡିକ ହେଲା କୋରାପୁଟରେ କଳା ଜିରା ଧାନ, ଲାଞ୍ଜିଆ ସଉରାଙ୍କ ପଟ୍ଟଚିତ୍ର, ଢେଙ୍କାନାଳର ମଗଜ ଲଡୁ, ଶିମିଳିପାଳର କାଇଟଚଟଣି, ନୟାଗଡର କଣ୍ଟେଇମୁଣ୍ଡି ବାଇଗଣ , ଡଙ୍ଗରିଆଙ୍କ ହାତବୁଣା ଚାଦର, ଓଡିଶାର ଖଜୁରିଗୁଡ। ଆସନ୍ତା ୩ ମାସ ମଧ୍ୟରେ ଏସବୁ ଉତ୍ପାଦଗୁଡିକ ଉପରେ କୌଣସି ଆପତି ଅଭିଯୋଗ ନ ଆସିଲେ ଜିଆଇ ଟ୍ୟାଗ ମିଳିବ ବୋଲି ଜଣାପଡିଛି।

ପ୍ରକାଶ ଯେ, ଗତ କିଛି ମାସ ତଳେ କୋରାପୁଟ ଜିଲ୍ଲାର କଳାବତୀ ଧାନ ଯାହା ମଧୁମେହ ଓ କ୍ୟାନସର ଭଳି ମାରାତ୍ମକ ରୋଗର ଅମୂଲ୍ୟ ଔଷଧ ରୂପେ ବିବେଚିତ ହୋଇଛି ତାହାକୁ ଆସାମ ବିଶ୍ୱବିଦ୍ୟାଳୟ ଜିଲ୍ଲାର ଜୈବିକଶ୍ରୀ କୃଷି ଉତ୍ପାଦକ କମ୍ପାନୀ ମାଧ୍ୟମରେ ୫୫ କୁଇଣ୍ଟାଲ ଧାନ ଆସାମ କୃଷି ବିଶ୍ୱବିଦ୍ୟାଳକୁ ବିକ୍ରୟ କରାଯାଇଛି। ସେହିପରି କୋରାପୁଟ ଜିଲ୍ଲାର କଳା ଜିରା ଚାଉଳରେ ଗୁଣାତ୍ମକମାନ ଅଧିକ ଥିବାରୁ ଏହା ଖିରି ଓ ବିରିଆନି ପ୍ରସ୍ତୁତିରେ ବ୍ୟବହୃତ ହୋଇଥାଏ । ପ୍ରାକୃତିକ ଦୁର୍ବିପାକକୁ ସହ୍ୟ କରିବାରେ ଏହି ଧାନର କ୍ଷମତା ଅନ୍ୟ ଧାନଠାରୁ ଯଥେଷ୍ଟ ଅଧିକ ରହିଥିବା କୋରାପୁଟସ୍ଥିତ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ବିଭାଗର ଅଧ୍ୟୟନରୁ ସ୍ପଷ୍ଟ ହୋଇଛି। ଜିଲ୍ଲାର ୧୬୦ ପ୍ରକାରର ଧାନର ଗୁଣବତାକୁ ନେଇ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗବେଷଣା କରିଥିଲା । ତେବେ କଳା ଜିରା ଧାନରେ ବିଭିନ୍ନ ଔଷଧୀୟ ଗୁଣ ରହିଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ରିପୋର୍ଟରେ ଦର୍ଶାଯାଇଛି। ଏହାକୁ ନେଇ ବଜାରରେ ଏହି ଧାନର ଚାହିଦା ବେଶ ଅଧିକ ରହିଛି। ଏହି ଧାନ କୋରାପୁଟରେ ବହୁଳ ଭାବେ ଚାଷ କରାଯାଉଥିବା ବେଳେ ଦିନକୁ ଦିନ ଏହାର ଆଦର ଜିଲ୍ଲା ସମେତ ଜିଲ୍ଲା ବାହାରର ବଜାରରେ ବୃଦ୍ଧି ପାଇବାରେ ଲାଗିଛି। ଏକର ପିଛା ଏହା ୫ରୁ ୧୦ କୁଇଣ୍ଟାଲ ଧାନ ଅମଳ ହେଉଥିବା ବେଳେ ଅମଳ ପାଇଁ ଏହି ଧାନ ୧୪୦ରୁ ୧୫୫ ଦିନ ସମୟ ନେଇଥାଏ। ଏହି ବିରଳ ଧାନକୁ ଆନ୍ତର୍ଜାତୀୟ ବଜାରରେ ସ୍ଥାନ ଦେବା ତଥା ଜିଆଇ ଟ୍ୟାଗ ମାନ୍ୟତା ନେଇ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ପ୍ରୟାସ କରାଯାଇଥିଲା। ଏହାକୁ ଜିଆଇ ଟ୍ୟାଗ ମିଳିବା ନେଇ ତାଲିକାଭୁକ୍ତ ହେବା ଜଣାପଡିବା ପରେ କୋରାପୁଟରେ ଖୁସିର ଲହରୀ ଖେଳିଯାଇଛି । ଏହି ଧାନ କୋରାପୁଟ ଜିଲ୍ଲାର ବିଶେଷ କରି ଜୟପୁର, କୋଟପାଡ, ବୋରିଗୁମ୍ମା, ବୈପାରିଗୁଡା ଆଦି ବ୍ଲକରେ ବହୁଳ ଭାବେ ଚାଷ କରାଯାଇଥାଏ। ଜିଲ୍ଲାର ୧୪ଟି ବ୍ଲକର ପ୍ରାୟ ୧୮ଶହ ଚାଷୀ କଳାଜିରା ଧାନ ଚାଷ କରି ବାର୍ଷିକ ୧୦୦ କୁଇଣ୍ଟାଲ ଧାନ ଅମଳ କରିଥାନ୍ତି। ଏବେ ଜିଲ୍ଲା ପ୍ରଶାସନ କଳାଜିରା ଧାନ ଭଳି ଅନ୍ୟ ବିରଳ ଧାନଗୁଡିକୁ ଚାଷ କରିବାକୁ ଚାଷୀଙ୍କୁ ପ୍ରୋତ୍ସାହିତ କଲେ ଅନେକ ବିରଳ କିସମର ଧାନ ଓଡିଶା ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ଧାନ ଗବେଷକମାନେ ପ୍ରକାଶ କରିଛନ୍ତି।

# ମିଲେଟ ମିଶନ ତରଫରୁ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କୁନି ପିଲାମାନେ ।

ମାଲକାନଗିରି,୨୧୯(ନୃସିଂହ ଚରଣ ମହାନ୍ତି)

ଓଡିଶା ମିଲେଟ ମିଶନ ଦ୍ୱାରା ମାଲକାନଗିରିରେ ଦୁଇଦିନିଆ ମଲ କ୍ୟାମ୍ପେନ କାର୍ଯ୍ୟକ୍ରମ ଶନିବାର ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାତିରେ ମିଲେଟ ଖାଇଲେ ଦେହ ପାଇଁ ଭଲ। ଏହା ସବୁ ମିଶନ ଶକ୍ତି କ୍ୟାଫରେ ବି ଉପଲବ୍ଧ ରହିଛି। ଏଥିରେ ଗେମ୍ ସୋ, ସାଧାରଣ ଜ୍ଞାନ, ନୃତ୍ୟ, ସଂଗୀତ ଓ କମେଡି ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଇଥିଲା।

# ଡ୍ରାଇଭର ମହାସଂଘ ପ୍ରତିଷ୍ଠା ଦିବସ



ବୈଠକରେ ମିଳିତ ହୋଇଥିବା ଡ୍ରାଇଭର ସଂଘ ସଦସ୍ୟ ।

ବାଲିମେଳା,୨୧୯(ଶିବଦତ୍ତ ସାହୁ)

ମାଲକାନଗିରି ଜିଲ୍ଲା ବାଲିମେଳାରେ ଥିବା ଡ୍ରାଇଭର ମହାସଂଘ ପକ୍ଷରୁ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସକାଳେ ବସ୍‌ଷ୍ଟାଣ୍ଡରେ ଥିବା ମହାସଂଘ କାର୍ଯ୍ୟାଳୟରେ ଡ୍ରାଇଭର ମହାସଂଘ ସଭାପତି ସଲମନ ପାଙ୍ଗୀ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ପୂର୍ବତନ ସଭାପତି ନାରାୟନ ଖିଲଙ୍କ ଦେହାନ୍ତ ହୋଇଥିବାରୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବସ୍‌ଷ୍ଟାଣ୍ଡରେ ଚାରାରୋପଣ କରିଥିଲେ। ବୃକ୍ଷ ଗୁଡିକର ଯତ୍ନ ଆମେ ନେବୁ ବୋଲି ଡ୍ରାଇଭରମାନେ କହିଥିଲେ । ଏଥି ସହିତ ମଦ ପିଇ ଗାଡି ଚାଳନା କରିବାନି, ଯାତ୍ରୀମାନଙ୍କୁ ଭଲ ବ୍ୟବହାର କରିବା, ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ନିକଟସ୍ଥ ମେଡିକାଲକୁ ଶୀଘ୍ର ପହଞ୍ଚାଇବାରେ ସାହାଯ୍ୟ କରିବା ବୋଲି ଡ୍ରାଇଭର ଭାଇମାନେ ଶପଥ ନେଇଥିଲେ। ଏକ ବାଇକ୍ ରାଲି ବାଲିମେଳା ପାୱାର ଛକଠାରୁ ବାହାରି ସହର ପରିକ୍ରମା କରିଥିଲା। ଆଗକୁ ମହାସଂଘ ଦ୍ୱାରା ନଗରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯିବ ବୋଲି ସଂଘ ସାଧାରଣ ସମ୍ପାଦକ ବଳଭଦ୍ର ପିଲେଇ କହିଥିଲେ।

# ହୋଟେଲ ମହାରାଜା, ବଜାର କୋଲକାତା ସିଲ୍

ଜୟପୁର, ୨୧୯(ପବନ ପାଣିଗ୍ରାହୀ)

- ହୋଟେଲ, ରାସ୍ତାକଡ଼ ଖାଦ୍ୟ ବ୍ୟବସାୟୀଙ୍କ ଉପରେ ଚଢ଼ାଉ
- ନିୟମ ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ପୌର ନିର୍ବାହୀ ଅଧିକାରୀ

ଜୟପୁର ପୌରପାଳିକା ସହରର ବିଭିନ୍ନ ହୋଟେଲ ଓ ମଲ୍ ଉପରେ ଚଢ଼ାଉ ଅବ୍ୟାହତ ରଖିଛି। ମୁଖ୍ୟ ରାସ୍ତାରେ ଥିବା ବଜାର କୋଲକାତାରେ ଯାନବାହନ ରଖିବା ପାଇ ପାର୍କିଂ ବ୍ୟବସ୍ଥା ନ ଥିବାରୁ ପୌରପାଳିକା ଏହାକୁ ୩ ଦିନ ପାଇଁ ସିଲ୍ କରିଦେଇଛି। ବଜାର କୋଲକାତାରେ ପାର୍କିଂ ବ୍ୟବସ୍ଥା ନ ଥିବାକୁ ମୁଖ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଯାଉଛି । ଏନେଇ ୩ ଦିନ ଭିତରେ ପାର୍କିଂ ବ୍ୟବସ୍ଥା କରିବାକୁ ବଜାର କୋଲକାତା କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ସେହିପରି ଜୟପୁର ମୁଖ୍ୟ ରାସ୍ତାରେ ଥିବା ମହାରାଜା ହୋଟେଲ ଦୂଷିତ ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଥିବା ନଜରକୁ ଆସିବାରୁ ଏହା ଉପରେ ମଧ୍ୟ ଚଢ଼ାଉ କରାଯାଇଛି। ବିକ୍ରି ପାଇଁ ରହିଥିବା ଖାଦ୍ୟପଦାର୍ଥ ଘୋଡ଼ାଇ ନ ରଖିବା ଏବଂ ହୋଟେଲ ସମ୍ମୁଖରେ ଟ୍ରାଫିକ ସମସ୍ୟା ପାଇଁ ୨ ହଜାର ଟଙ୍କା ଜରିମାନା ଆଦାୟକରି ଏହାର କିଚେନକୁ ୭ ଦିନ ପାଇଁ ସିଲ୍ କରାଯାଇଛି । ୭ଦିନ ଭିତରେ ରୋଷେଇଘର ମରାମତି ସହ ପରିମଳ ବ୍ୟବସ୍ଥା ନ ସୁଧାରିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହୋଟେଲ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଏହି ଅବସରରେ ମଧ୍ୟ ପ୍ରସାଦରାଓପେଟା, ଏନ୍‌କେଟି ରୋଡ୍‌ରେ ଥିବା ୧୦ଟି ଜଳଖିଆ ଦୋକାନ ଉପରେ ଚଢ଼ାଉ କରାଯାଇଛି। ୧୦ଟି ଜଳଖିଆ ଦୋକାନରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ପୌରପାଳିକା ପକ୍ଷରୁ ଏନେଇ ଗତ ୧୮ ତାରିଖରେ ବ୍ୟବସାୟୀମାନଙ୍କୁ ନୋଟିସ ଜାରି କରାଯାଇଥିଲା। ବାରମ୍ବର ଚଢ଼ାଉ, ତାଗିଦ ଓ ଜରିମାନା ଆଦାୟ ପରେ ମଧ ହୋଟେଲ, ରାସ୍ତାକଡ଼ର ଖାଦ୍ୟ ବ୍ୟବସାୟୀ ମାନେ ବିକ୍ରିଜନିତ ଖାଦ୍ୟସାମଗ୍ରୀ ଘୋଡ଼ାଇ ରଖୁ ନ ଥିବାରୁ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ପକାଉଛି। ଏପରି ଚଢ଼ାଉ ଅଭିଯାନ ଆଗକୁ ମଧ ଜାରି ରହିବ। ନିର୍ଦ୍ଦେଶର ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ପୌର ପାଳିକା ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି। ଏହି ଚଢ଼ାଉରେ ପୌର କର୍ମଚାରୀ ବି. ଜଗଦୀଶ ରାଓଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ମେଡିକାଲ କଲେଜ ପରିସରରେ ଆହାର ରୋଷେଇଶାଳ ଉଦ୍‌ଘାଟିତ

କୋରାପୁଟ,୨୧୯(ଅମିତାଭ ବେହେରା)

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ମ୍ୟୁନିସପାଲିଟି ପକ୍ଷରୁ ଏକ ନୂତନ ଆହାର ରୋଷେଇ ଶାଳ ଶନିବାର ଉଦ୍‌ଘାଟିତ ହୋଇଛି । ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଏସ୍‌ଏଚଜି ମହିଳାମାନଙ୍କୁ ଆହାର ଖାଦ୍ୟ ପ୍ରସ୍ତୁତି ରେ ଏହା ସହାୟକ ହେବ ବୋଲି କହିଥିଲେ । ମ୍ୟୁନିସିପାଲିଟିର ମୁକ୍ତା ଯୋଜନାରେ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ଏହି ରୋଷେଇଶାଳ ନିର୍ମାଣ କରାଯାଇଛି। ଏଠାରେ ଥିବା ମେଶିନ ଦ୍ୱାରା ସମସ୍ତ ଖାଦ୍ୟ ସାମାଗ୍ରୀର ଚୋପା ଛଡାଇବା ଓ କାଟିବା ସହ ରୋଷେଇ କରିବାକୁ ଆଉ ଏସ୍‌ଏଚଜି ମାଆମାନଙ୍କୁ ଆଉ ଅସୁବିଧା ହେବ ନାହିଁ ବୋଲି ପଡାଲ କହିଥିଲେ। କମ ସମୟ ମଧ୍ୟରେ ୭ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଏଠାରେ ଆହାର ପ୍ରସ୍ତୁତ ହୋଇପାରିବ ବୋଲ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ କହିଥିଲେ। ପୂର୍ବରୁ ମେଡିକାଲ କଲେଜ ପରିସରରେ ଥିବା ଆହାର କେନ୍ଦ୍ରରେ ୫୪୦ ଜଣଙ୍କ ଲାଗି ରୋଷେଇ କରାଯାଉଥିବା ବେଳେ ଏବେ ଏହି ଶାଳ ଶୁଭାରମ୍ଭ ଫଳରେ ୭ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ ବୋଲି ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର କହିଛନ୍ତି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ସବିତା ପଣ୍ଡା, ସହକାରୀ ଯନ୍ତ୍ରୀ ସୁଧୀର ଦାସ , କନିଷ୍ଠ ଯନ୍ତ୍ରୀ ସନ୍ତୋଷ ପାଣିଗ୍ରାହୀ, ସିଏମଏମୟୁ ମ୍ୟାନେଜର ଶଶିକାନ୍ତ ସ୍ୱାଇଁଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ



ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରୁଛନ୍ତି ଜିଲ୍ଲାପାଳ ।

ସେମିଳିଗୁଡା/ସୁନାବେଡା,୨୧୯
( ବାସୁଦେବ ବରାଡ଼/କୃତିବାସ ପ୍ରଧାନ)

ସୁନାବେଡା ପୌରପରିଷଦ ଦ୍ୱାରା ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ଶୁକ୍ରବାର ବୁଲି ଦେଖିଛନ୍ତି ଜିଲ୍ଲାପାଳ ଅବଦୁଲ ଏମ. ଅଖତର। ସେ ପୌର କାର୍ଯ୍ୟାଳୟକୁ ଅଚାନକ ଗସ୍ତ କରି କାମଗୁଡିକର ତଦାରଖ କରିଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଥିଲେ । ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରିବାକୁ ବିଡିଓ ସବ୍ୟସାଚୀ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ସୃଷ୍ଟି ସୁହାସିନୀ ମଲ୍ଲିକ ଉପସ୍ଥିତ ଥିଲେ । ପରେ ଜିଲ୍ଲାପାଳ ସୁନାବେଡାର ୧୩ନଂ. ୱାର୍ଡରେ ଚାଲିଥିବା ଅଡିଟୋରିୟମ କାର୍ଯ୍ୟ ତଦାରଖ କରି କାମକୁ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ପୌର ନିର୍ବାହୀ ଅଧିକାରୀ ନାରାୟଣ ନାୟକ, ସହକାରୀ ଯନ୍ତ୍ରୀ ଶିବ ପ୍ରସାଦ ପାଢ଼ୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।ସେଠାରୁ ସୁନାବେଡ଼ା ସରକାରୀ ଡାକ୍ତରଖାନା ଯାଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାଲିଥିବା କାର୍ଯ୍ୟ ସମୀକ୍ଷା କରିଥିଲେ।

# ଅସୁରକ୍ଷିତ ପରିବେଶରେ ଛାତ୍ରୀଛାତ୍ର

- ସୁରକ୍ଷା ପାଚେରି ନାହିଁ, ଭୟରେ କାଟୁଛନ୍ତି ଦିନ
- ପିଲାଙ୍କ ସୁରକ୍ଷା ଚିନ୍ତାରେ ଅଭିଭାବକ

ଦଶମନ୍ତପୁର,୨୧୯(ଅରବିନ୍ଦ ନାୟକ)



ସୁରକ୍ଷା ପାଚେରି ନ ଥିବା ମାଛପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ।

କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ମାଛପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ବିଭିନ୍ନ ଅବ୍ୟବସ୍ଥାରେ ଚାଲିଛି। ବିଦ୍ୟାଳୟର ସୁରକ୍ଷା ପାଚେରି ନ ଥିବାରୁ ଛାତ୍ରୀଛାତ୍ରମାନେ ନିଜକୁ ସୁରକ୍ଷିତ ମଣୁ ନ ଥିବା ଅଭିଯୋଗ ହେଉଛି। ଏହି ହାଇସ୍କୁଲ କିଛି ମାସ ତଳେ ସରକାରଙ୍କ ୫-ଟି ଯୋଜନାରେ ସାମିଲ ହୋଇଛି। ଷଷ୍ଠରୁ ଦଶମ ଶ୍ରେଣୀ ଯାଏ ବିଦ୍ୟାଳୟରେ ୪୪୯ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତିର ୨୭୫ ଜଣ ଛାତ୍ର ଏବଂ ୧୦୦ ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ବିଦ୍ୟାଳୟର ଚତୁଃପାର୍ଶ୍ୱରେ ସୁରକ୍ଷା ପାଚେରି ନ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଏନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ବଣ,ପାହାଡ଼ ଓ ଜଙ୍ଗଲ ରହିଥିବାରୁ ସନ୍ଧ୍ୟା ହେଲେ ସେମାନେ ଭୟରେ ବାହାରକୁ ବାହାରୁ ନ ଥିବା ପ୍ରକାଶ କରିଛନ୍ତି। ସୁରକ୍ଷା ପାଚେରି ନ ଥିବାରୁ ଯଦି କେବେ କିଛି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବ ବୋଲି ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ନରେନ୍ଦ୍ର ଖୋସ୍‌ଲାଙ୍କୁ ପଚାରିବାରୁ ସେ କହିଲେ, ପିଲାଙ୍କ ସୁରକ୍ଷା ପାଇଁ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ପାଚେରିଟିଏ ରହିବା ଜରୁରୀ। ଏ ବିଷୟରେ ସେ ଅନେକ ଥର ମଙ୍ଗଳ ବିଭାଗ ଅଧିକାରୀ ଏବଂ ଆଇଟିଡିଏ କର୍ତ୍ତୃପକ୍ଷଙ୍କୁ ଜଣାଇଛି ବୋଲି କହିଛନ୍ତି।

# ଚୋରିକୁ ବିତିଲାଣି ୧୫ଦିନ, ପୋଲିସ ହାତ ଖାଲି

ସୁନାବେଡ଼ା, ୨୧୯ (କୃତିବାସ ପ୍ରଧାନ )

ହାଲ୍ ଟାଉନସିପ୍‌ର ଦୁଇଟି ଘରୁ ଗତ ମାସ ୧୮ତାରିଖ ବିଳମ୍ବିତ ରାତିରେ ସମାନ ଢଙ୍ଗରେ ଚୋରି ହୋଇଥିଲା। ଏନେଇ ଅଭିଯୋଗ ପରେ ସୁନାବେଡ଼ା ପୋଲିସ କେସ୍ ନଂ. ୧୫୦/୨୩ ଓ ୧୫୧/୨୩ରେ ଦୁଇଟି ପୃଥକ୍‌ପୃଥକ୍ ମାମଲା ରୁଜୁକରି ତଦନ୍ତ କରୁଥିଲା। ଏବେ ଏହି ଘଟଣା ୧୫ଦିନରୁ ଊର୍ଦ୍ଧ୍ୱ ହୋଇଯାଇଥିଲେ ମଧ ଏପର୍ଯ୍ୟନ୍ତ ପୋଲିସ ହାତ ଖାଲି ରହିଛି। ଚୋରିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଧରିପାରିନାହିଁ। ଫଳରେ ଏହାକୁ ନେଇ ଟାଉନସିପ୍ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ନିଜକୁ ଅସୁରକ୍ଷିତ ମଣୁଥିବା ଅଭିଯୋଗ ଉଠାଇଛନ୍ତି। ଗତ ମାସ ୧୮ରେ ହାଲ୍ ଟାଉନସିପ୍‌ର ୱାଇ-୫୩ ରେ ରହୁଥିବା ହନୁମନ୍ତ ରାଓ ଓ ୱାଇ-୧୨୯ରେ ରହୁଥିବା ଘାସିରାମ ହନ୍ତାଳଙ୍କ ଘରୁ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ସହ ନଗଦ ଟଙ୍କା ଲୁଟି ନେଇଥିଲେ। ଏ ପର୍ଯ୍ୟନ୍ତ ଚୋରିରେ ସମ୍ପୃକ୍ତ ଅଭିଯୁକ୍ତମାନେ ଧରାପଡ଼ିନାହାନ୍ତି। ସାଧାରଣ ପ୍ରଶାସନ ହେଉ ବା ହାଲ୍ ପ୍ରଶାସନ ପକ୍ଷରୁ ଟାଉନସିପ୍‌ର ପ୍ରତ୍ୟେକ ଛକରେ ସିସି କ୍ୟାମେରା ଲଗାଯାଇପାରିଲେ ସମସ୍ତ ପ୍ରକାର ଅସାମାଜିକ କାର୍ଯ୍ୟକଳାପ ଉପରେ ରୋକୋ ଲାଗିପାରନ୍ତା ବୋଲି ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ସୁନାବେଡ଼ା ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇଙ୍କୁ ପଚାରିବାରୁ ସେ କହିଲେ, ସନ୍ଦେହ ଆଧାରରେ କେତେ ଜଣ ଦୁର୍ବୃତ୍ତଙ୍କୁ ପଚରାଉଚୁରା କରାଯାଉଛି। ଏନେଇ ପୋଲିସ ପକ୍ଷରୁ ତଲାସି ଜାରି ରହିଛି। ଖୁବ୍ ଶୀଘ୍ର ଅପରାଧୀଙ୍କୁ ଠାବ କରାଯିବ ବୋଲି ଥାନା ଅଧିକାରୀ ଦଳେଇ କହିଛନ୍ତି।

# ଅନକାଡେଲିରୁ କଟକ ବସ୍ ସେବା ଆରମ୍ଭ

ନନ୍ଦପୁର, ୨୧୯ (ଶଙ୍କର ପୂଜାରୀ)

ରାଜ୍ୟ ସରକାରଙ୍କ ପରିବହନ ବିଭାଗ ୨୫ବର୍ଷରୁ ଊର୍ଦ୍ଧ୍ୱ ହେବ ବନ୍ଦରହିଥିବା ପୁରୁଣା ମାଛକୁଣ୍ଡ-କଟକକୁ ବସ୍‌ସେବା ଆରମ୍ଭ କରିଛି। ଏହି ରୁଟ୍ ପରମିଟରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ମାଛକୁଣ୍ଡ ପରିବର୍ତ୍ତେ ଅନକାଡେଲିରୁ କଟକ ପାଇଁ ପରମିଟ ସରକାରୀ ବଦଳରେ ବେସରକାରୀ ବସ୍ ଗୀତାଞ୍ଜଳି ଟୁର ଆଣ୍ଡ ଟ୍ରାଭେଲସ୍‌କୁ ପ୍ରଦାନ କରାଯାଇଛି। ଏହି ବସ୍ ଶନିବାରଠାରୁ ଯାତାୟାତ ଆରମ୍ଭ କରିଛି। ବସଟି ଅପରାହ୍ନ ୪ଟାରେ ଅନକାଡେଲିରୁ ବାହାରି ଲମତାପୁଟ, ପାଡୁଆ, ଭେଜା, ନନ୍ଦପୁର, ସେମିଳିଗୁଡା, ସୁନାବେଡା, ଦାମନଯୋଡ଼ି, ଲକ୍ଷ୍ମୀପୁର, ରାୟଗଡ଼ା ଦେଇ ଭୁବନେଶ୍ୱରରେ ସକାଳ ୮ଟାରେ ଏବଂ କଟକ ବାଦାମବାଡ଼ି ବସଷ୍ଟାଣ୍ଡରେ ସକାଳ ୮ଟା୫୦ରେ ପହଞ୍ଚିବ ବୋଲି ଜଣାପଡିଛି। ସେହିଭଳି ସନ୍ଧ୍ୟା ୫ଟା୫୫ରେ ଏହି ବସ୍ କଟକରୁ ବାହାରି ସକାଳ ୧୦ଟା ୪୫ରେ ଅନକାଡେଲି ପହଞ୍ଚିବ ବୋଲି କୁହାଯାଇଛି।

# ନୂତନ ଭୋଟରଙ୍କୁ ସଚେତନ କରିବ ମୁଁ ବି ମିତା କାର୍ଯ୍ୟକ୍ରମ

କୋରାପୁଟ,୨୧୯(ଅମିତାଭ ବେହେରା)

କୋରାପୁଟସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନୂତନ ଭୋଟରଙ୍କୁ ସଚେତନ କରିବାକୁ ଜିଲ୍ଲାସ୍ତରୀୟ 'ମୁଁ ବି ମିତା' ଅଭିଯାନର ଶୁଭାରମ୍ଭ ହୋଇଛି । ଶନିବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ କଲେଜର ଅଧ୍ୟାପକ ଓ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀ ଅକ୍ଷମିତା କାର୍ତ୍ତିକେ ଜୟପୁର ଉପଜିଲ୍ଲାପାଳ ପ୍ରଭାତ ପରିଡା ଉପସ୍ଥିତ ଥିଲେ । ସେକ୍ସନ ଅଧିକାରୀ ପ୍ରଶାନ୍ତ ମହାପାତ୍ର ନାମ ପଞ୍ଜୀକରଣ ନେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ ।



ମୁଁ ବି ମିତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

# ୭ ମାସର ଭତ୍ତା ନ ପାଇ ହନ୍ତସନ୍ତ ହେଉଛନ୍ତି କୌଶଲ୍ୟା

ନନ୍ଦପୁର, ୨୧୯ (ଶଙ୍କର ପୂଜାରୀ)

**ଅନ୍ୟ ହିତାଧିକାରୀଙ୍କ ଜମାଖାତାକୁ ଚାଲିଯାଇଛି ଟଙ୍କା**



କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକରେ ଜଣେ ବୃଦ୍ଧା ୭ମାସ ହେଲା ଭତ୍ତା ନ ପାଇ ହନ୍ତସନ୍ତ ହେଉଛନ୍ତି। ତାଙ୍କ ଭତ୍ତା ଟଙ୍କା ଅନ୍ୟ ଜଣେ ହିତାଧିକାରୀଙ୍କ ଜମାଖାତାକୁ ଚାଲିଯାଇଛି। ଏହା ସଂଶୋଧନ କରିବାକୁ କୌଶଲ୍ୟା ବାରମ୍ବାର ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ତାଙ୍କୁ କିଛି ସୁଫଳ ମିଳିନାହିଁ । ଫଳରେ ଦୀର୍ଘ ୭ମାସ ହେଲା ସେ ବହୁ କଷ୍ଟରେ ଚଳୁଥିବା ନନ୍ଦପୁର ବ୍ଲକ ହିକିମପୁଟ ପଞ୍ଚାୟତ ଖିଲୁଆ ଗ୍ରାମର କୌଶଲ୍ୟା ମାର୍ଣ୍ଡି କହିଛନ୍ତି। ଏ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀଙ୍କୁ ପଚାରିବାରୁ ସେ କହିଲେ, କୌଶଲ୍ୟା ୨୦୧୪ରୁ ଜାତୀୟ ସାମାଜିକ ସୁରକ୍ଷା ଯୋଜନାର ଭତ୍ତା ହିତାଧିକାରୀ। ତାଙ୍କର ଭତ୍ତା ନଂ. ୧୨୮/୨୦୧୪। ତାଙ୍କ ଭତ୍ତା ଟଙ୍କା ଷ୍ଟେଟ ବ୍ୟାଙ୍କ ଜମାଖାତା କ୍ରମାଙ୍କ ୩୫୩୪୮୫୮୬୪୨୧ରେ ପ୍ରଦାନ କରାଯାଇଥିଲା। ତେବେ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଏନ୍‌ପିସିଆଇ ମ୍ୟାପିଂ କରାଯାଇ ନ ଥିବାରୁ କୌଶଲ୍ୟାଙ୍କ ଜମାଖାତାକୁ ଭତ୍ତା ଟଙ୍କା ଯାଉ ନ ଥିବା ଜଣାପଡ଼ିଛି। କୌଶଲ୍ୟାଙ୍କ ୟୁଜିବିରେ ଖାତା ନ ଥାଇ ମଧ୍ୟ ଆଧାର କାର୍ଡ ନମ୍ବର ସଂଯୋଗରେ କିଛି ତ୍ରୁଟି ଥିବାରୁ ମାର୍ଚ୍ଚ ଓ ଏପ୍ରିଲ ମାସର ଭତ୍ତା ଟଙ୍କା ଉକ୍ତ ବ୍ୟାଙ୍କର ଅନ୍ୟ ଜଣେ ହିତାଧିକାରୀଙ୍କ ଖାତାକୁ ଚାଲିଯାଇଛି। ଏହାର ତଦନ୍ତ କରାଯାଉଛି ବୋଲି ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଡିଇଓ ଅର୍ଜୁନ ମାଝି କହିଛନ୍ତି। ବାଲଡ଼ା ବ୍ୟାଙ୍କ ପରିଚାଳକ ସୁଶାନ୍ତ କୁମାର ଜାନିଙ୍କୁ ଏ ବିଷୟରେ ପଚାରିବାର ସେ କହିଲେ, ତାଙ୍କର ଆଧାର କାର୍ଡ ବ୍ୟାଙ୍କ ଜମାଖାତା ସହ ଜଡ଼ିତ ଥିଲେ ମଧ୍ୟ ଇ-କେୱାଇସି କରାଯାଇ ନ ଥିବାରୁ ଆଧାର ସିଡିଂ ଓ ଏନ୍‌ପିସିଆଇ ମ୍ୟାପିଂ କରାଯାଇ ପାରୁନାହିଁ। ଫଳରେ କୌଶଲ୍ୟାଙ୍କ ଭତ୍ତା ଟଙ୍କା ତାଙ୍କ ଜମାଖାତାରେ ଚଢୁନାହିଁ। ଆଧାର ପାଇଁ ଅନ୍ୟ ବ୍ୟାଙ୍କର ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯାଇଥିବା ଭତ୍ତା ଟଙ୍କା ଫେରି ପାଇବାକୁ ହେଲେ ବ୍ଲକ ସାମାଜିକ ସୁରକ୍ଷା ବିଭାଗ କର୍ତ୍ତୃପକ୍ଷ ଉକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖି ଟଙ୍କା ଫେରାଇବାକୁ ଅବଗତ କରନ୍ତୁ ବୋଲି ଜାନି କହିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ଉପଜିଲ୍ଲାପାଳ ନନ୍ଦପୁର ବିଡିଓ ସୁଜିତ ମିଶ୍ର ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରିତା ଓରାମଙ୍କୁ କୌଶଲ୍ୟା ଭତ୍ତା ପାଇବା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

